# ମେ’ ୨୦ରୁ ଆରମ୍ଭ ହେବ ଧାନକିଣା

## ମଲ୍ଟି ପର୍ପୋଜ ପାକ୍ସ, ମଡେଲ ମଣ୍ଡି କରିବାକୁ ଏମ୍ପିଙ୍କ ନିର୍ଦ୍ଦେଶ

■ରବି ଧାନ କ୍ରୟ ପାଇଁ ଜିଲାସ୍ତରୀୟ ବୈଠକ

■ସରକାରୀ ଦରରେ ଧାନ ବିକିବେ ୨୯୦୬ ଚାଷୀ



ରବିଧାନ କ୍ରୟ ପାଇଁ ବୈଠକରେ ଅଧିକାରୀ।

ଭଦ୍ରକ, ୨୯।୪(ସନାତନ ରାଉତ/ରବିନାରାୟଣ ଖିଲାର)

ରବି ଧାନ କ୍ରୟ ପାଇଁ ଭଦ୍ରକ ଜିଲାରେ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏମ୍ପି ଅଭିମନ୍ୟୁ ସେଠୀ ଯୋଗଦେଇ ଭଦ୍ରକରେ ମଲ୍ଟି ପର୍ପୋଜ ପାକ୍ସ ଓ ପ୍ରତ୍ୟେକ ବ୍ଲକରେ ମଡେଲ ମଣ୍ଡି କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମବାୟ ସମିତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭଦ୍ରକ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ରବି ଧାନ ବିକ୍ରି ଓ ଗୋଦାମ ସୁବିଧା କରିବାକୁ ଗୁରୁତ୍ୱାରୋପ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ଦାଶ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଭଦ୍ରକ ମିଲର ସଂଘର ସମ୍ପାଦକ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ଧାନକିଣାର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ଚାଷୀ, ଯୋଗାଣ ବିଭାଗ ଅଧିକାରୀ, କର୍ମଚାରୀ, କୃଷି ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ। ଚଳିତ ରବି ଋତୁରେ ମୋଟ ୬୫୯୮.୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୩୨୬୩୯.୧ ମେଟ୍ରିକ ଟନ ଧାନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୧୮୫୦୧.୦୯ ମେଟ୍ରିକ୍ ଟନ ସରକାରୀ ମଣ୍ଡିରେ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ସାଧାରଣ ଏଫ୍ଏକ୍ୟୁ ଧାନ ପାଇଁ କୁଇଣ୍ଟାଲ ପିଛା ୨୩୬୯ ଟଙ୍କା ଏବଂ ‘ଏ’ ଗ୍ରେଡ୍ ଧାନ ପାଇଁ ୨୩୮୯ ଟଙ୍କା ସରକାରୀ ଦର ଧାର୍ଯ୍ୟ କରାଯାଇଥିବା ବେଳେ ଇନପୁଟ ସହାୟତା ମଧ୍ୟ ପ୍ରଦାନ କରାଯିବ। ଜିଲାରେ ରବି ଧାନ ବିକ୍ରି ପାଇଁ ମୋଟ ୨୯୦୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ହୋଇଥିବା ବେଳେ ୩୨ଟି ମଣ୍ଡିରେ ଧାନ କିଣାଯିବ ବୋଲି ବୈଠକରେ ସୂଚନା ମିଳିଛି। ଧାମନଗର ବ୍ଲକରେ ସର୍ବାଧିକ ୯୫୨ ଚାଷୀ, ବାସୁଦେବପୁରରେ ୪୮୨, ବନ୍ତରେ ୪୨୮, ଭଣ୍ଡାରିପୋଖରୀରେ ୮୮୯, ଭଦ୍ରକରେ ୯୨, ଚାନ୍ଦବାଲିରେ ୬ ଏବଂ ତିହିଡ଼ିରେ ୫୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି।

## ମଧୁବାବୁଙ୍କ ଜୟନ୍ତୀ

ଚାନ୍ଦବାଲି,୨୯।୪(ରତିକାନ୍ତ ବାରିକ)- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୯ ତମ ଜୟନ୍ତୀ ଚାନ୍ଦବାଲିର ସାମାଜିକ ଅନୁଷ୍ଠାନ ‘କଳିଙ୍ଗ ଯୁବଶକ୍ତି’ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ମଧୁବାବୁ ଛକଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଶ୍ରୀମନ୍ତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଡିଓ ସଞ୍ଜୀବ କୁମାର ମହାପାତ୍ର, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ଶ୍ରୀକାନ୍ତ କୁମାର ମହାଳିକ, ଅନ୍ୟତମ ଅତିଥି ପରିବେଶବିତ ସୁଧୀର ମହାନ୍ତି, ପାରିଷଦ ଚନ୍ଦନ କୁମାର ରାଉତ, ବୀରେନ ସାହୁ ଓ ସଙ୍ଗଠକ ବ୍ରଜ ସୁନ୍ଦର ମହାନ୍ତି ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ବହୁମୁଖୀ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସାହିତ୍ୟିକ ଚିତ୍ତ ରଞ୍ଜନ କବି, ଅଧିବକ୍ତା ତ୍ରିଲୋଚନ ଦାଶ, ଶ୍ୟାମ ସୁନ୍ଦର ମହାନ୍ତି, ସୁବାସ କୁମାର ସେଠୀ, ଦୀପକ ଦାସ , ପ୍ରଫୁଲ୍ଲ ଦାସ, ନିରୁପମା ପାଣି, ଅମୂଲ୍ୟ ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ରତିକାନ୍ତ ସାହୁ, ସୁକାନ୍ତ ନାୟକ, ସଦାନନ୍ଦ ତାଡୁ, ପ୍ରତାପ ରାଉତ, ଅଶୋକ ରାୟ, ପ୍ରକାଶ ରାଉତ, ପପୁ ରାଉତ, ସୁମନ୍ତ ପାଣି, ମନୋଜ ବିଶ୍ୱାଳ, ଅରୁଣ ଅଗ୍ରୱାଲ, ନିରଞ୍ଜନ ସାହୁ, ଘନଶ୍ୟାମ ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଗୋପୀରାମ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କର୍ମଶାଳା

ଭଦ୍ରକ, ୨୯।୪(ସନାତନ ରାଉତ): ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଡ. ରାଧାରାଣୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡ. କୃପାସିନ୍ଧୁ ନାୟକ, ଅନ୍ୟତମ ଅତିଥି ବସୁମିତ୍ରା ସାହୁ, ଅକ୍ଷୟ କୁମାର ପାଣିଗ୍ରାହୀ, ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ମନୋରମା ରାଉତ ପ୍ରମୁଖ ଯୋଗଦେଇ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ନାରୀ ସଶକ୍ତିକରଣ ଓ ଆତ୍ମରକ୍ଷା କୌଶଳ ମାଧ୍ୟମରେ କିପରି ସଶକ୍ତ ହୋଇପାରିବେ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ପୁରୁଣାବଜାର ପର୍ଯ୍ୟନ୍ତ ପଦଯାତ୍ରାରେ ପରିକ୍ରମା କରିଥିଲେ। ରଘୁନାଥ ନାୟକ, ଆଶୁତୋଷ ସିଂ ଓ ଗୌରାଙ୍ଗ ଦାସ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଶକ୍ତିଶ୍ରୀ ସଂଯୋଜିକା ପ୍ରଭାତୀ ନାୟକ ଧନ୍ୟବାଦ ଦେଇଥିଲେ।

## ଦହି ସରବତ ବାଣ୍ଟିଲେ ମନ୍ତ୍ରୀ

ଅସୁରାଳି,୨୯।୪(ସନ୍ତୋଷ ସାହୁ): ଭଦ୍ରକ ଜିଲା ଧାମନଗର ବ୍ଲକ୍ଅସୁରାଳିଆଇଟିଆଇ ଛକଠାରେ ବୁଧବାର ଡିଡିଏ ପ୍ରେସ୍ କ୍ଲବ୍ ପକ୍ଷରୁ ଏକ ଦହି ସରବତ ବଣ୍ଟନ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଦହି ସରବତ ପଥଚାରୀଙ୍କୁ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଅସୁରାଳି ସରପଞ୍ଚ ମିନତୀ ସାହୁ, ଖପରପଦା ସରପଞ୍ଚ ଅନୁସୟା ସାହୁ, କୋଠାର ସରପଞ୍ଚ ମହେଶ୍ୱତା ମହାଲିକ, ତଳଗୋପବିନ୍ଧା ସରପଞ୍ଚ ସଞ୍ଜୀବ ବେହେରା, ସମ୍ପାଦକ ମାନସ ପରିଡ଼ା, ସିଦ୍ଧାର୍ଥ ମିଶ୍ର, ଉପସଭାପତି ରଜତ ଲେଙ୍କା ଓ ଶ୍ରୀକାନ୍ତ ସାହୁ, ଅଜିତ ରାୟ, ଅଧ୍ୟାପକ ଶ୍ରୀଧର ସାହୁ, ବଜାର କମିଟି ସଭାପତି ସଦାନନ୍ଦ ଦାସ, ଅଙ୍କୁର କବି ପ୍ରମୁଖ ଯୋଗଦେଇଥିଲେ।

## ଲକ୍ଷ୍ମୀ ନାରାୟଣଙ୍କ ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା



ମହିଳାମାନେ କଳସ ଧରି ଯଜ୍ଞ ମଣ୍ଡପ ପରିକ୍ରମା କରୁଛନ୍ତି।

ତିହିଡି,୨୯।୪(ସଞ୍ଜିତ ବଳ)

ତିହିଡି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମ ସ୍ଥିତ ଶ୍ରୀ ଲକ୍ଷ୍ମୀ ନାରାୟଣ ଜୀଉଙ୍କ ୨୨ତମ ପ୍ରତିଷ୍ଠା ଉତ୍ସବ, ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଉପଲକ୍ଷେ ବୁଧବାର ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀପ୍ରିୟା ସାହୁ, ସରସ୍ୱତୀ ସାହୁ, ଗୀତାଞ୍ଜଳି ବାରିକ, ମଞ୍ଜୁଲତା ବାରିକ, ସୁଲେଖା ଦାସଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳା ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ପଣ୍ଡା ପୋଖରୀରେ ଘଟ ଉତ୍ତୋଳନ କରିଥିଲେ। ଗୁରୁବାର ଯଜ୍ଞ ସହ ନାମ ସଂକୀର୍ତ୍ତନ ଏବଂ ଶୁକ୍ରବାର ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। କର୍ତ୍ତା ଭାବେ ପ୍ରଦୀପ କୁମାର ଦାସ ଓ ତାଙ୍କ ସ୍ତ୍ରୀ ପ୍ରତିଭା ଦାସ, କାର୍ଯ୍ୟ ତୁଲାଉଛନ୍ତି। ସରପଞ୍ଚ ସୁପ୍ରଭା ପାଣି, ପୂଜା କମିଟି ସଭାପତି କାଳନ୍ଦୀ ଦାସ, ସମ୍ପାଦକ କପିଳେନ୍ଦ୍ର ବାରିକଙ୍କ ସମେତ ଧୀରେନ୍ଦ୍ର ସାହୁ, ସୁଧାକର ଜେନା, ଘନଶ୍ୟାମ ପରିଡ଼ା, ମନୋଜ ସାହୁ, ସନାତନ ବାରିକ, କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଧାମନଗର,୨୯।୪(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ୨୨ ତମ ବାର୍ଷିକୋତ୍ସବ, ମାତୃପିତୃ ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକାଡ଼େମୀର ସଭାପତି ଗୋପବନ୍ଧୁ ଖୁଣ୍ଟିଆଙ୍କ ସଭାପତିତ୍ୱରେ ସୁଧାକର ଖୁଣ୍ଟିଆଙ୍କ ସଞ୍ଚାଳନାରେ ମୁଖ୍ୟ ଅତିଥି ବରୁଣେଶ୍ୱର ଆଶ୍ରମ ନାମଯଜ୍ଞ ପୀଠର ମହନ୍ତ ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ, ମୁଖ୍ୟ ବକ୍ତାଭାବେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓଡ଼ିଶା ସଂଗଠକ ବିନେନ୍ଦ୍ର ମହାନ୍ତି, ଅନ୍ୟତମ ଅତିଥିଭାବେ ସାମାଜିକକର୍ମୀ ଅରବିନ୍ଦ ପତି, ରମେଶ ଚନ୍ଦ୍ର ପତି, ନୀଳ ସରସ୍ୱତୀ ଆଶ୍ରମର ସ୍ୱାମୀ ଶବ୍ଦାନନ୍ଦ ସରସ୍ୱତୀ ମହାରାଜ, ଅଧ୍ୟାପକ ହିମାଂଶୁ ଶେଖର ଦାଶ ପ୍ରମୁଖ ଯୋଗଦେଇ ଅରବିନ୍ଦ ଶିକ୍ଷା ଏକାଡ଼େମୀ ଏକ ସୁନ୍ଦର ଶିକ୍ଷଣୀୟ ଶିକ୍ଷାକେନ୍ଦ୍ର। ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେବାରେ ଅପା, ଭାଇମାନେ ବ୍ରତୀ ହୋଇ ଶିକ୍ଷାଦାନ କରନ୍ତୁ। ପ୍ରତ୍ୟେକ ଛାତ୍ରୀଛାତ୍ର ମା’ ବାପା ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କଥାମାନି କାର୍ଯ୍ୟକଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷା ଏକାଡେମୀର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ମାନସ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏକାଡେମୀର ଶିକ୍ଷୟିତ୍ରୀ ଶିକ୍ଷକ ମାନସୀ ମଲିକ, ଅନୁପମା ସାହୁ, ସରସ୍ୱତୀ ବାରିକ, ସଂଯୁକ୍ତା ଦାସ, ସୁମିତ୍ରା ଦାଶ, ରାଜଶ୍ରୀ ଚନ୍ଦ, ପ୍ରତିଭା ଗୁଇଁ, ସସ୍ମିତା ସାମଲ, ମଞ୍ଜୁଲତା ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଆ ଭାଷାକୁ ମୁଖ୍ୟ ଭାଷାରେ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଧାମନଗର,୨୯।୪(ସନ୍ତୋଷ କୁମାର ମହାପାତ୍ର/ଦୀନକୃଷ୍ଣ ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ ଜିଲା ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଓଡ଼ିଆ ଭାଷାକୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପ୍ରାଥମିକତା ଓ ପ୍ରୟୋଗର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଜରିଆରେ ବୁଧବାର ପୂର୍ବାହ୍ନରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଉତ୍କଳ ଦିବସରେ ପରିଷଦ ପକ୍ଷରୁ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦର ସଭାପତି ଅନୀଲ ବାରିକ, ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା, ସାଂଗଠନିକ ଉପସଭାପତି ସେକ ଅବଦୁଲ ହାକିମ, ଉପସଭାପତି ସୁରଥ ସେଠୀ, ସଂଗଠନ ସମ୍ପାଦକ ରାମଚନ୍ଦ୍ର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଧନୁଞ୍ଜୟ ଦାସ, ବରିଷ୍ଠ ସଦସ୍ୟ ସନ୍ତୋଷ ପାଢ଼ୀ, ନିରାକାର ଧଳ, କରୁଣାକର ଶଙ୍ଖୁଆ, ଖବରଦାତା କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତ ଗ୍ୟାରେଜ ମିସ୍ତ୍ରିଙ୍କ ମୃତ୍ୟୁ

ବାସୁଦେବପୁର,୨୯।୪ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର –ଧାମରା ରାସ୍ତାର ମାତାଜୀ ମଠ ଛକଠାରେ ମଙ୍ଗଳବାର ପୂର୍ବାହ୍ନରେ ହୋଇଥିବା ଦୁର୍ଘଟଣାରେ ଆହତ ଗ୍ୟାରେଜ ମିସ୍ତ୍ରୀ ଶେଖ ଜାହିରଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ଜାହିର ରାସ୍ତାକଡ଼ରେ ଏକ ଯାତ୍ରୀବାହୀ ବସ୍ ତଳେ ଶୋଇ ମରାମତି କାର୍ଯ୍ୟ କରୁଥିବା ବେଳେ ପଛରୁ ଏକ ଆଇରନ ବୋଝେଇ ଟ୍ରକ୍ ବସ୍‌କୁ ଧକ୍କା ଦେବା ସହ ଜାହିରଙ୍କ ଅଣ୍ଟାରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ଜାହିରଙ୍କୁ ଭଦ୍ରକ ଓ ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ଚାନ୍ଦବାଲି ନଗର କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

ଚାନ୍ଦବାଲି,୨୯।୪(ରତିକାନ୍ତ ବାରିକ)

ଚାନ୍ଦବାଲି ନଗର କଂଗ୍ରେସ କମିଟିର ନୂତନ ସଭାପତି ମନୋରଞ୍ଜନ ସାହୁଙ୍କୁ ନିର୍ବାଚନ ମଣ୍ଡଳୀର ନେତା ଅମୀୟ କୁମାର ମହାପାତ୍ରଙ୍କ ସମେତ କଂଗ୍ରେସ କର୍ମୀମାନେ ମଙ୍ଗଳବାର ସମ୍ବର୍ଦ୍ଧନା ଜଣାଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ମନୋରଞ୍ଜନ କହିଛନ୍ତି ଯେ, ସେ ଦଳକୁ ଆହୁରି ସୁଦୃଢ଼ କରିବା ସହିତ ସ୍ଥାନୀୟ ସମସ୍ୟାଗୁଡ଼ିକ ପ୍ରତି ଗୁରୁତ୍ୱ ଦେଇ କାମ କରିବେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଦସ୍ୟା ସୁଲୋଚନା ନାୟକ, ଚାନ୍ଦବାଲି ବ୍ଲକ ଓ ନଗରର ପୂର୍ବତନ ସଭାପତି ବୃନ୍ଦାବନ ମହାଲିକ, ବରିଷ୍ଠ ନେତା ରାଧାକାନ୍ତ ପାଢ଼ୀ, ନିର୍ମଳ ତାଡୁ, ନିର୍ମଳ ରାଉତ, ସୁରେନ୍ଦ୍ର ମହାନ୍ତି, ନାରୀନେତ୍ରୀ ପୂର୍ଣ୍ଣିମା ନାୟକ ଏବଂ ଯୁବନେତା ଅମୀୟ ସାହୁ ପ୍ରମୁଖ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଭଦ୍ରକ ନାମ ଓ ଧାମ ପଛରେ ଅଛି ଅନନ୍ତ ମହିମା

ଭଦ୍ରକ,୨୯।୪(ସନାତନ ରାଉତ)

**ବୈଶାଖୀ ମେଳାର ୩ୟ ସନ୍ଧ୍ୟା**

ଭଦ୍ରକ ନେହେରୁ ଷ୍ଟାଡିୟମ୍ ପରିସରରେ ଓଡ଼ିଶା ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଚାଲିଥିବା ବୈଶାଖୀ ମେଳାର ମଙ୍ଗଳବାର ୩ୟ ସନ୍ଧ୍ୟାରେ ‘ଭଦ୍ରକ ନାମ, ଧାମ ଓ ମହାତ୍ମ୍ୟ’ ଥିଲା ଆଲୋଚ୍ୟ ବିଷୟ। କଥାଶିଳ୍ପୀ ଡ. ରାଧାବିନୋଦ ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲା ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ମେଳାର ଆବଶ୍ୟକତା ଓ ସାମାଜିକ ସଂହତି ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ବସନ୍ତ ପାଣିଗ୍ରାହୀ ଯୋଗଦେଇ ଭଦ୍ରକର ଐତିହାସିକ ପୃଷ୍ଠଭୂମି, ପୀଠ ମହାତ୍ମ୍ୟ ଓ ଆଞ୍ଚଳିକ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଭଦ୍ରକର ବିଭବ ଓ ସାଂସ୍କୃତିକ ଜାଗରଣ ଓଡ଼ିଶାର ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ରୋଟାରିଆନ ଇନ୍ଦ୍ରଜିତ ସାହୁ ଯୋଗ ଦେଇଥିଲେ। ତ୍ୟାଗଭୂମି ମହୋତ୍ସବ ସମ୍ପାଦକ ଗଦାଧର ବଳ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ନାୟକ, ରାଜକିଶୋର ସାହୁ, ପଦ୍ମନ ରାୟ, ନାରାୟଣ ପାଢ଼ୀ, ବୈଲୋଚନ ବେହୁରିଆ, ମଦନ ମୋହନ ନାୟକ, ଗୌରାଙ୍ଗ ବାରିକ, ଚନ୍ଦ୍ରଶେଖର ନାୟକ, ବାବୁଲାଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଓଡ଼ିଆ ଚଳଚ୍ଚିତ୍ର ତାରକା ବ୍ରଜ ସିଂହଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ନାଟକ ‘ପେଟେଣ୍ଟ ମେଡିସିନ’ ପରିବେଷଣ ହୋଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥି।

ଭଣ୍ଡାରିପୋଖରୀ,୨୯।୪(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଣୀଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଚୈତନ୍ୟ ଚରଣ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ଗଦାଧର ବାରିକଙ୍କ ସଭାପତିତ୍ୱରେ ବୁଧବାର ରାଣୀଗଡ଼ିଆ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରହଣିଆ ସରପଞ୍ଚ ରଞ୍ଜନ ପରିଡ଼ା, ମୁଖ୍ୟ ବକ୍ତାଭାବେ ସିଆର୍‌ସିସି ତ୍ରିଲୋଚନ ନାୟକ, ଅନ୍ୟତମ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ସଞ୍ଜିତ ସାମଲ, ରାମଚନ୍ଦ୍ର ମହାନ୍ତି, ନୀଳମଣି ନାୟକ, ପ୍ରଫୁଲ୍ଲ ନାୟକ, ଉମାକାନ୍ତ ରାଉତ, ନିର୍ମଳ ଧଳ, ବିଶ୍ୱରଞ୍ଜନ ଷେଣ୍ଠ, ଦିଲୀପ ଓଝା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ରାଉତଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶିବ ଚରଣ ସ୍ୱାଇଁଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରିଥିଲେ। ବିଦ୍ୟାଳୟକୁ ଜମି ପ୍ରଦାନ କରିଥିବାରୁ କୈଳାସ ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ବିଦାୟୀ ଶିକ୍ଷକ ଚୈତନ୍ୟ ଚରଣ ରାଉତଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଅର୍ଜୁନ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ଜନ ଆକ୍ରୋଶ ପଦଯାତ୍ରା

ତିହିଡି,୨୯।୪(ସଞ୍ଜିତ ବଳ)




ପଦଯାତ୍ରାରେ ସାମିଲ ମହିଳାମାନେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ମହିଳା ସଂରକ୍ଷଣ ବିଲ୍ ପାରିତ ନ ହେବା ପ୍ରତିବାଦରେ ତିହିଡି ବ୍ଲକ ଭାଜପା କାନ୍ତକବି ମଣ୍ଡଳ ପକ୍ଷରୁ ବୁଧବାର ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୋଳସାହି ପଞ୍ଚାୟତସ୍ଥିତ ମା’ ହିଡ଼ିମ୍ବାଇ ମନ୍ଦିର ନିକଟରୁ ଶତାଧିକ ମହିଳା ମୁଣ୍ଡରେ କଳା ପଟି ବାନ୍ଧି ପ୍ଲାକାର୍ଡ଼ ଧରି ପଦଯାତ୍ରାରେ ବାହାରି କଂଗ୍ରେସ ଓ ବିଜେଡି ବିରୋଧରେ ସ୍ଲୋଗାନ ଦେଇ ଦୋଳସାହି ବଜାରରେ ପହଞ୍ଚିଥିଲେ। ସେଠାରେ ପୂର୍ବତନ ଜିଲା ମହିଳା ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ଗୁଆମାଳ ସରପଞ୍ଚ ମାମିନା ଜେନା, ପୂର୍ବତନ ସରପଞ୍ଚ ଝରଣା ଜେନା, ସାବିତ୍ରୀ ପାଣିଗ୍ରାହୀ, କାଞ୍ଚନବାଳା ରାଉତ, ରୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୋଗଦେଇ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିଥିବା ବିଜେଡି ଓ କଂଗ୍ରେସକୁ କଡ଼ା ସମାଲୋଚନା କରିବା ସହ ବିଲ୍‌କୁ ପାରିତ କରିବା ପାଇଁ ଦାବି ଜଣାଇଥିଲେ। କାନ୍ତକବି ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ସାହାଡ଼ାଶୁଣି ମଣ୍ଡଳ ସଭାପତି କେଶବ ବେହେରା, ବରିଷ୍ଠ ନେତା ରଘୁନାଥ ପାତ୍ର, ଭରତ ଚନ୍ଦ୍ର ସାହୁ, ରଞ୍ଜିତ ଜେନା, ପୂର୍ବତନ ମଣ୍ଡଳ ସଭାପତି ତପନ ପାଢ଼ୀ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ସୁଶାନ୍ତ ସେଠୀ, ସତ୍ୟାନନ୍ଦ ପାଣିଗ୍ରାହୀ, ଯୁବନେତା ସୂର୍ଯ୍ୟ ନାରାୟଣ ଭୋଇ, ଯଜ୍ଞଦତ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ମହିଳା ମୋର୍ଚ୍ଚାର ଜନ ଆକ୍ରୋଶ ସମାବେଶ

ଚାନ୍ଦବାଲି,୨୯।୪(କିଷାନ ପାତ୍ର)




ପଦଯାତ୍ରାରେ ଯୋଗଦେଇଥିବା ମହିଳାମାନେ।

ଚାନ୍ଦବାଲି ମା’ କାଳୀ ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଓରାସାହି ଡାକେଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇ ବିଶ୍ରାମପୁର ପାଖରେ ଶେଷ ହୋଇଥିଲା। ଶହ ଶହ ସଂଖ୍ୟାର ମହିଳା ଏହି ସମାବେଶରେ ଯୋଗଦେଇ ନିଜର ଅଧିକାର କ୍ଷୁର୍ଣ୍ଣ କରିଥିବା ରାଜନୈତିକ ଦଳମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ନାରୀ ଶକ୍ତି ବନ୍ଦନା ଅଧିନିୟମକୁ ବିରୋଧ କରିଥିବା ଦଳର ନେତାମାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ମଣ୍ଡଳ ଉପସଭାପତି ଦୀପାଞ୍ଜଳି ଜେନାଙ୍କ ଅଧ୍ୟକ୍ଷତାରେ ରାଜଶ୍ରୀ ସ୍ୱାଇଁ, ବନ୍ଦିତା ଦାସ, ରକ୍ମଣୀ ରାଉତ, ରେବତୀ ନାୟକ, ସାରଥୀ ଦାସ, ଆରତୀ ବଳ, ପ୍ରବୀର ରାଉତ, ଦିଲ୍ଲୀପ ରାଉତ, ତ୍ରିଲୋଚନ ବେହେରା, ସୁବାଷ ସାମଲ, କଳାକାହ୍ନୁ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମା’ ଗଜଲକ୍ଷ୍ମୀ ମଣ୍ଡଳ ପକ୍ଷରୁ ମତୋ କଚେରୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଭାରତୀ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଇଣ୍ଡିମେଣ୍ଟ ବିରୋଧରେ ନାରାବାଜି କରିବା ସହିତ କୁଶ ପୁତ୍ତଳିକା ଦାହ କରିଥିଲେ। ମଉସୁଧା ସରପଞ୍ଚ ସୁରଭି ନାୟକ, ଉତୁକୁଡ଼ା ସରପଞ୍ଚ ସ୍ୱର୍ଣ୍ଣଲତା ପୁହାଣ, ଗଜଲକ୍ଷ୍ମୀ ମଣ୍ଡଳ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମଧୁସ୍ମିତା ବେହେରା, ଲଙ୍କେଶ୍ୱରୀ ମଣ୍ଡଳ ସଭାନେତ୍ରୀ ଅନିତା ରାଉତ, ଚାନ୍ଦବାଲି ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ଦାସ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାନେତ୍ରୀ ସମିମା ପରୱନ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଙ୍କ ଶୁଦ୍ଧିକର୍ମକୁ ନେଇ ହଣାକଟା

ଛେନାପଦୀ/ହାଟଡ଼ିହୀ/
**ବଉଳା୨୯।୪(ନିରାକାର ପରିଡା/ ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ସୋସୋ ଥାନା କଣ୍ଟିଗଡ଼ିଆ ଗ୍ରାମରେ ମା'ଙ୍କ ଶୁଦ୍ଧି କର୍ମକୁ ନେଇ ହଣାକଟା ହୋଇଛି। ସାନ ଭାଇଙ୍କୁ ବଡ଼ ଭାଇ କର୍ମକୁ ଯିବାକୁ ମନା କରିବାରୁ ସଂଘର୍ଷ ଘଟିଥିଲା। ଖବରରୁ ଜଣାଯାଇଛି, ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ ଭାଇ ଅମର ଜେନାଙ୍କ ଘରକୁ ସାନ ଭାଇ ଆକାଶ ଯାଇଥିଲେ। ମୃତ ମା'ର ଶୁଦ୍ଧି କ୍ରିୟାକୁ ଯିବା ପାଇଁ ସାନ ଭାଇ ଆକାଶ ବଡ଼ ଭାଇ ଅମରଙ୍କୁ କହିଥିଲେ। ଅମର ନିଜ ଭାଇର କଥାକୁ ପ୍ରତ୍ୟାଖାନ କରିଥିଲେ। ଫଳରେ ୨ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କରୁ ସଂଘର୍ଷ ଘଟି ହଣାକଟା ପର୍ଯ୍ୟନ୍ତ କଥା ଯାଇଥିଲା। ଅମର ଗୁରୁତର ହୋଇଥିବା ବେଳେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଥାନା ଅଧିକାରିଣୀ କାନନ ସାହୁ କହିଛନ୍ତି, ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

# ସ୍କୁଲ, ପାନୀୟଜଳ ସମସ୍ୟାକୁ ନେଇ ଆଲୋଚନା




ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି।

## ହାଟଡିହୀ ବ୍ଲକ୍‌ର ୧୦ମ ପଞ୍ଚାୟତ ସମିତି ବୈଠକ

ଛେନାପଦୀ/ହାଟଡିହୀ/
**ବଉଳା୨୯।୪(ନିରାକାର ପରିଡା/ ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ୧୦ତମ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠରେ ବିଶେଷ କରି ବିଭିନ୍ନ ବିଦ୍ୟାଳୟରେ ଥିବା ଶିକ୍ଷକ ଅଭାବ ଏବଂ ଗୃହ ସମସ୍ୟା, ପାନୀୟ ଜଳ, ଧାନ ବିହନ ପ୍ରଦାନରେ ବିଳମ୍ବ ଓ ଘରୋଇ ଜମିରେ ନଳକୂପ ଖନନକୁ ନେଇ ଆଲୋଚନା ହୋଇଥିଲା। ବିଶେଷ କରି ପାନୀୟ ଜଳ ଓ ସ୍କୁଲ ସମସ୍ୟାକୁ ନେଇ ଆଲୋଚନା ହୋଇଛି।

ସମିତି ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ସଭାପତିତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡ଼ା, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଏବିଡ଼ିଓ ରଶ୍ମିରେଖା ନାଇକ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ଜିଲା ପରିଷଦ ସଭ୍ୟା ସୁକାନ୍ତି ଜେନା, ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଜିପିଇଓ ଦେବଜ୍ୟୋତି ପରମବ୍ରହ୍ମ ଦାଶ ଉପସ୍ଥିତ ଥିଲେ। ଅକ୍ଷୟତୃତୀୟା ଯାଇଥିଲେ ବି ଧାନ ବିହନ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ୍ ଶିକ୍ଷାଧିକାରୀ ରାଜିବ ଦଳେଇ ୭୪ଟି ଅସୁରକ୍ଷିତ ଶ୍ରେଣୀ ଗୃହ ଭାଙ୍ଗିବାକୁ ସୂଚନା ଦେଇଥିଲେ। ଏଥିସହ ବହୁ ବିଦ୍ୟାଳୟର ପାଚେରି ଓ ଶୌଚାଳୟ ନ ଥିବା ବଞ୍ଚୋ ସରପଞ୍ଚ ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଧଡ଼ା ୨ଟି ମେଗା ପ୍ରକଳ୍ପ ମାଧ୍ୟମରେ ୨୧୮ ଟି ଗାଁ ମଧ୍ୟରୁ ୧୪୦ଟି ଗାଁକୁ ପାଣି ଯୋଗାଇ ଦିଆଯାଉଥିବା ସୂଚନା ଦେଇଥିଲେ। ଜୁଲାଇ ୨୦୨୬ ସୁଧା ସବୁ ଘରକୁ ଘର ପାଣି ଯୋଗାଇ ଦିଆଯିବ ବୋଲି କହିଥିଲେ। ବଞ୍ଚୋ ପଞ୍ଚାୟତରେ ବେସରକାରୀ ସ୍ଥାନରେ ନଳକୂପ ବସାଯାଉଥିବା ନେଇ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଅଭିଯୋଗ କରିଥିଲେ। ସେହିପରି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ୧୧ନଂ. ଓ ୧୨ନଂ. ଓାର୍ଡ ମଧ୍ୟରେ ନୂତନ ଅଙ୍ଗନୱାଡ଼ି ଗୃହ ନେଇ ଚୁକ୍ତିତର୍କ ହେବା ପରେ ୨ଟି ୱାର୍ଡରେ ୨ଟି ନୂତନ ଗୃହ ନିର୍ମାଣ କରିବାକୁ ଆଲୋଚନା ହୋଇଥିଲା। ସାଧାରଣ ବଣ୍ଟନ ବିଭାଗ, ଆରଡି ବିଭାଗ, ଭତ୍ତା ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ ସମେତ ଅନ୍ୟାନ୍ୟ ବିଭାଗରେ ଥିବା ସମସ୍ୟା ଓ ସମାଧାନ ନେଇ ଆଲୋଚନା ହୋଇଥିଲା। ଛେନାପଦି ଛକରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ହେବ ବୋଲି ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର ସୂଚନା ଦେଇଥିଲେ। ଏହି ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମଦନ ମୋହନ ବେହେରା, ମୋନାଲିସା ନାଇକ, ସିଡିପିଓ ଉମାମଣି ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

**କେନ୍ଦୁଝର,୨୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଜଣେ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ ମିଶ୍ର ଶୁଣାଣି କରି ଅଭିଯୁକ୍ତ ସୁଶୀଲ ହେମ୍ବ୍ରମ (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଦେଢ଼ ବର୍ଷ କାରାଦଣ୍ଡ ଆଦେଶ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ପୀଡ଼ିତା କେନ୍ଦୁଝର ସହର ଅଞ୍ଚଳରେ ୮ ବର୍ଷ ହେବ ରହୁଥିଲେ। ୭ ଜୁନ୍ ୨୦୨୪ ମାଉସୀଙ୍କ ସମ୍ପର୍କୀୟ କାକପୁଅ ଭାଇ କାଳିଆ ମୁଖି ଏବଂ ମୟୂରଭଞ୍ଜ ଜିଲାର ନହବେଡ଼ା ଗ୍ରାମର ସୁଶୀଲ ହେମ୍ବ୍ରମ ଆସିଥିଲେ। ସେହିଦିନ ସେମାନେ ପୀଡ଼ିତାକୁ ଅପହରଣ କରି ନେଇଯାଇଥିଲେ। ପୀଡ଼ିତାକୁ ଖୋଜାଖୋଜି କରି ନ ପାଇବାରୁ ପ୍ରମିଳା ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା(ନଂ.୩୨୮/୨୪)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ରାୟ ଶୁଣାଇଥିବା ସ୍ୱତନ୍ତ୍ର ପିପି ପତିତପାବନ ନାଥ କହିଛନ୍ତି। ପୀଡ଼ିତାଙ୍କ ବୟସ ପ୍ରମାଣିତ ହୋଇ ପାରି ନ ଥିଲେ ହେଁ ଅପହରଣ ଓ ବଳାତ୍କାର ମାମଲାକୁ ବିଚାର କରି ଦଣ୍ଡାଦେଶ ହୋଇଛି।

# ଯୁବକଙ୍କ ଛାତିରେ ଗଳିଗଲା ମାଛକଟା ପନିକି

**ଆନନ୍ଦପୁର,୨୯।୪ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଆନନ୍ଦପୁର ମାଛ ମାର୍କେଟରେ ଅଘଟଣ ଘଟିଛି। ୨ ଯୁବକଙ୍କ ମଧ୍ୟରେ ବଚସାରୁ ଠେଲାପେଲା ବେଳେ ଜଣେ ଯୁବକ ମାଛ କଟା ପନିକି ଉପରେ ପଡ଼ି ଗୁରୁତର ହୋଇଛନ୍ତି। ପନିକି ତାଙ୍କ ଛାତିରେ ଗଳିଯାଇଥିବା ବେଳେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବୁଧବାର ଆନନ୍ଦପୁର ମାଛ ମାର୍କେଟଠାରେ ସ୍ଥାନୀୟ ଅଞ୍ଚଳର କାଳନ୍ଦୀଙ୍କ ସହ ଚକରା ନାମକ ଯୁବକଙ୍କ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ଲାଗିବାରୁ ନିକଟରେ ମାଛ କାଟୁଥିବା ଜଣେ ବ୍ୟବସାୟୀଙ୍କ ପନିକି ଉପରେ କାଳନ୍ଦୀ ପଡ଼ିଯାଇଥିଲେ। ପନିକି ତାଙ୍କ ଛାତିରେ ଗଳି ଯାଇଥିଲା। ତାଙ୍କୁ ତୁରନ୍ତ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଆନନ୍ଦପୁର ପୋଲିସ ପନିକିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଥାନାରେ ଅଭିଯୋଗ ହୋଇ ନ ଥିବା ଥାନ ଅଧିକାରୀ ଫନିନ୍ଦ୍ର ଭୂଷଣ ନାଏକ ସୂଚନା ଦେଇଛନ୍ତି।

# ଢେଙ୍କିକୋଟ କଲ୍ୟାଣମଣ୍ଡପର ଭୂମିପୂଜା

ଢେଙ୍କିକୋଟ,୨୯।୪(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟବାସୀଙ୍କ ବହୁପ୍ରତୀକ୍ଷିତ କଲ୍ୟାଣ ମଣ୍ଡପର ବୁଧବାର ଭୂମିପୂଜା ହୋଇଛି। ଦୀର୍ଘ ବର୍ଷହେଲା ଢେଙ୍କିକୋଟ୍ ବିକାଶ ମଞ୍ଚ କଲ୍ୟାଣ ମଣ୍ଡପ ପାଇଁ ପ୍ରଚେଷ୍ଟା ଜାରି ରଖିଥିଲା। ଏ ସମ୍ପର୍କରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ସାକ୍ଷାତ କରି ଗୁହାରି କରିଥିଲେ। ଏମ୍‌ପିଙ୍କ ପ୍ରଚେଷ୍ଟାରେ ବିକାଶ ମଞ୍ଚର ସଭାପତି ଅଖିଳ ପାତ୍ର, କାର୍ଯ୍ୟକାରି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ବିଜୟ ସାହୁ, ଉପଦେଷ୍ଟା ମଣ୍ଡଳୀ ପ୍ରଫେସର ଯୁଗଳ କିଶୋର ଦାସ, କୁଳମଣି ମଣ୍ଡଳ ଶଙ୍କର୍ଷଣ ସାହୁ ସମେତ ଶତାଧିକ ସଦସ୍ୟ ସହଯୋଗ କରିଥିଲେ।

# 'ବିରୋଧୀଦଳ ମାତୃଶକ୍ତିଙ୍କ ସହ ବିଶ୍ୱାସଘାତ କରିଛନ୍ତି'

**କେନ୍ଦୁଝର,୨୯।୪(ଦୀପକ ମିଶ୍ର)**

ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର ବହୁ କୋଟି ମହିଳାଙ୍କ ସ୍ୱପ୍ନକୁ ଚୂର୍ମାର କରିଥିଲେ। ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକ ସଭାରେ ପରାଜିତକରି ଉତ୍ସବ ପାଳନ କରିଥିଲେ। ବିରୋଧୀଦଳ ମାତୃଶକ୍ତିଙ୍କ ସହ ବିଶ୍ୱାସଘାତ କରିଛନ୍ତି। ମାତୃଶକ୍ତି ଏହାର ଉତ୍ତର ନିଜ ଭୋଟ ମାଧ୍ୟମରେ ଦେବେ ବୋଲି ଜିଲା ଭାଜପା କାର୍ଯ୍ୟାଳୟରେ ନାରୀଶକ୍ତି ବନ୍ଦ ଅଧିନିୟମ ଉପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ଅନନ୍ତ ନାଏକ କହିଛନ୍ତି।

ସେ ଆହୁରି କହିଛନ୍ତି, ମହିଳାଙ୍କ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଜ୍ଞ କରୁଥିବାବେଳେ ବିରୋଧୀ ଏହାକୁ ବିଫଳ କରିବାକୁ ଉଦ୍ୟମ କରୁଛନ୍ତି। ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି କେବଳ ମହିଳା। ଅପରେଶନ ସିନ୍ଦୂର ସମୟରେ ଭାରତୀୟ 'ନାରୀଶକ୍ତି'ର ଚମତ୍କାର ସାରା ବିଶ୍ୱ ଦେଖିଥିଲା। ମାତ୍ର ବିରୋଧୀଦଳଙ୍କ ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ। ଯେତେବେଳେ ନାରୀଙ୍କୁ ପ୍ରକୃତ ସମ୍ମାନ ଏବଂ ପ୍ରକୃତ ଅଧିକାର ଦେବାର ବେଳ ଆସିଲା, ବିଭିନ୍ନ ଆଳ ଦେଖାଇ ସେମାନେ ସେଥିରୁ ଓହରିଗଲେ। କଂଗ୍ରେସ ଓ ସହଯୋଗୀ ଦଳଗୁଡ଼ିକ ପୂର୍ବରୁ ଦୁର୍ନୀତି ଓ ପରିବାରବାଦ ପାଇଁ ଜଣାଶୁଣା ଥିଲେ, ବର୍ତ୍ତମାନ ତାଙ୍କ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା। ଭାଜପା ଉପ ସଭାପତି ବାଂସୁରୀ ସ୍ୱରାଜ କହିଛନ୍ତି, ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତିକ୍ରମେ ୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା। ସେତେବେଳେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଏହି ଅଧିନିୟମ ସପକ୍ଷରେ ସହମତି ପ୍ରକାଶ କରିଥିଲେ। ମାତ୍ର ଏହି ଅଧିନିୟମ ଲାଗୁହେବା ବେଳକୁ ବିରୋଧୀ ଇଣ୍ଡି ମେଣ୍ଟ ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି। କଂଗ୍ରେସ ସବୁବେଳେ ଭାରତରତ୍ନ ଡ. ଭୀମରାଓ ବାବା ସାହେବ ଆମ୍ବେଡ୍‌କର ଓ ସମ୍ବିଧାନର କଥା କହୁଥିବାବେଳେ ନାରୀଙ୍କ ଅଧିକାରର ହିସାବ ଦେବାର ସମୟ ଆସିଲା ବେଳକୁ ଦଳ ସମ୍ବିଧାନର ତଣ୍ଟି ଚିପିଦେଲା ବୋଲି କହିଥିଲେ।

# ପୋଲ ତଳକୁ ଖସି ଯୁବକଙ୍କ ମୃତ୍ୟୁ

ବଉଳା,୨୯।୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଣିଆରୀ ପୋଲ ତଳକୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଢେଙ୍କା ପଞ୍ଚାୟତ ରାଇନଟାର ସିପୁନ ନାୟକ(୨୬)। ବାଇକ୍ ଯୋଗେ କଣିଆରୀ ଛକ ଦେଇ ସୁନ୍ଦରାପାଳକୁ ଯାଉଥିଲେ। ଭାରସାମ୍ୟ ହରାଇ ବାଇକ୍ ସହ ପୋଲ ତଳକୁ ଖସିପଡ଼ିଥିଲେ। ସୋସୋ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ଯୋଡ଼ା ପୌରାଞ୍ଚଳରେ ଜନଗଣନା

ଯୋଡ଼ା,୨୯।୪(ମାନସ ମହାନ୍ତି): ୧୬ ଏପ୍ରିଲରୁ ଆରମ୍ଭ ହୋଇଥିବା ଜନଗଣନା କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳରେ ଜାରି ରହିଛି। ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ସର୍ବମୋଟ ୯୯ ଜଣ ଏନୁମୋରେଟର, ୧୭ଜଣ ସୁପରଭାଇଜର ଗଣଣାରେ ନିୟୋଜିତ ଅଛନ୍ତି। ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱେତାପଦ୍ମା ଧଳ ଏହାର ମୁଖ୍ୟ ଦାୟିତ୍ୱରେ ଥିବା ବେଳେ ଅତିରିକ୍ତ କାର୍ଯ୍ୟ ଦାୟିତ୍ୱରେ ପୌର ନିର୍ବାହୀ ଯନ୍ତ୍ରୀ ମନୋଜ ବେହେରା ରହିଛନ୍ତି। ଯୋଡ଼ା ଅଞ୍ଚଳରେ ବିଭିନ୍ନ ସମ୍ପ୍ରଦାୟର ଲୋକ ରହୁଥିବା ବେଳେ ଏହି ଜନ ଗଣନାକୁ ଇଚ୍ଛାକୃତ ସମ୍ପୂର୍ଣ୍ଣ ଭାବେ ସହଯୋଗ କରୁଥିବା ବେହେରା କହିଛନ୍ତି। ସେଲ୍ଫ ଏନୁମୋରେଶନ ଏପ୍ରିଲ ୧ରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଥିଲା। ପରବର୍ତ୍ତୀ ସମୟରେ ଏନୁମୋରେଟର, ସୁପରଭାଇଜର ଘରକୁ ଘର ଯାଇ ଏହି କାର୍ଯ୍ୟ କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ରୁ ୩ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିବାକୁ ବାରଣ କରାଯାଇଛି। ଘରୁ ବାହାରିଲା ବେଳେ ଛତା, ଟୋପି, ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇ ସାଙ୍ଗରେ ନେଇ ବାହାରିବା ପାଇଁ ନିର୍ଦ୍ଦେଶ ରହିଛି। ପ୍ରକାଶଯୋଗ୍ୟ, ୨୦୧୧ ଜନଗଣନା ଅନୁଯାୟୀ, ଯୋଡ଼ା ପୌରପାଳିକାରେ ପ୍ରାୟ ୪୨ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିଲା।

# ଆମ ପୋଲିସ ସମିତି ସଚେତନତା




ସ୍ଥାନୀୟ ଲୋକଙ୍କୁ ପୋଲିସ ସଚେତନ କରୁଛି।

**ବଉଳା, ୨୯।୪( ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ନନ୍ଦିପଦା ଥାନା ପୋଲିସର ଆମ ସମିତି ପକ୍ଷରୁ ଶାଳଣୀଆଁ ହାଇସ୍କୁଲ ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ସମିତ ସଦସ୍ୟ ସୁଧାଂଶୁ ଦକ୍ଷିଣ ରାୟଙ୍କ ଅଧ୍ୟକ୍ଷତାରେ ନନ୍ଦିପଦା ଥାନା ଏଏସ୍‌ଆଇ ଗୋପଳକୃଷ୍ଣ ମିଶ୍ର, ସଦସ୍ୟ ବିରେନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ମହାନ୍ତ, ପ୍ରମୋଦ ନାୟକ, ଶାଳଣିଆ ସରପଞ୍ଚ ସୁମିତ୍ରା ଜେନା, ଗେଡମା ସରପଞ୍ଚ ପ୍ରତିନିଧି ବାବୁଲା କାଣ୍ଡି, ବଜାର କମିଟି ସଭାପତି ବ୍ରହ୍ମାନନ୍ଦ ଜେନାଙ୍କ ସମେତ ଏକ ଶହରୁ ଊର୍ଦ୍ଧ୍ୱ ଯୋଗ ଦେଇଥିଲେ। ସାଇବର ଠକେଇ, ବାଲ୍ୟ ବିବାହ, କମ୍ ବୟସର ଓ ବିନା ଲାଇସେନ୍ସରେ ଗାଡ଼ି ଚାଳନା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ପଣ୍ଡିତ ଗୌରହରି ଦ୍ୱିବେଦୀଙ୍କ ପରଲୋକ

ପାଟଣା,୨୯।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଦୁର୍ଗାଦେଇପୁର ଶାଶନର ଜଣାଶୁଣା ପଣ୍ଡିତ ଗୌରହରି ଦ୍ୱିବେଦୀ(୭୩)ଙ୍କ ବୁଧବାର ପରଲୋକ ଘଟିଛି। ଦୁର୍ଗାଦେଇପୁର ୱାର୍ଡରେ ସେ ୨ ଥର ୱାର୍ଡ ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ। ବୈତରଣୀ ନଦୀ ଦୁର୍ଗାଦେଇପୁର ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ଖବରଦାତା ବଡ଼ପୁଅ କାର୍ମିନୀକାନ୍ତ ଦିବେଦୀ ମୁଖାଗ୍ନି ଦେଇଥିଲେ। ଖବର ପାଇ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ସାମାଜିକକର୍ମୀ ଯୁଗଳ କିଶୋର ଦାଶ, ଖବରଦାତା କିଶୋର ଚନ୍ଦ୍ର ମହାନ୍ତ, କଳ୍ପତରୁ କରଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଥିଲେ।

# 'ମାନସିକ ସୁସ୍ଥତା ହିଁ ଜ୍ଞାନ ପରିବୃଦ୍ଧିରେ ସହାୟକ ହୁଏ'




କର୍ମଶାଳାରେ ଉପସ୍ଥିତ ଅତିଥି।

**କେନ୍ଦୁଝର ୨୯।୦୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ 'ମାନସିକ ସ୍ୱାସ୍ଥ୍ୟବୃଦ୍ଧି ଓ ଦୁଃଶ୍ଚିନ୍ତା ଦୂର କରିବାରେ ଯୋଗର ଭୂମିକା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ ନୂତନ ଭାବରେ ଯୋଗଦେଇଥିବା କୁଳପତି ପ୍ରଫେସର ସଞ୍ଜୟ ପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରି କହିଥିଲେ, ମାନସିକ ସୁସ୍ଥତା ହିଁ ଜ୍ଞାନ ପରିବୃଦ୍ଧିରେ ସହାୟକ ହୋଇଥାଏ। ଏଥିରେ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇ ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା.ମମତା ଜେନା ଯୋଗଦେଇ ଖାଦ୍ୟ ଗ୍ରହଣ କରିବାର ନିୟମ ହିଁ ସୁନ୍ଦର ସ୍ୱାସ୍ଥ୍ୟର କାରଣ ହୋଇଥାଏ ବୋଲି କହିଥିଲେ। ପତଞ୍ଜଳୀ କେନ୍ଦୁଝର ଶାଖାର ସଦସ୍ୟ ମାଗୁଣି ଚରଣ ବାରିକ ତାଙ୍କ ବକ୍ତବ୍ୟରେ ଯୋଗର ଗୁରୁତ୍ୱ ଦର୍ଶାଇଥିଲେ। କର୍ମଶାଳାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଭୁ ପ୍ରସାଦ ଦାସ ଓ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ଯୋଗଦେଇଥିଲେ। ଶକ୍ତିଶ୍ରୀର ସଂଯୋଜିକା ଡ. ଅନୁପମା ଦାଶ ଓ ଶକ୍ତିଶ୍ରୀର ଅଧ୍ୟକ୍ଷ ବିଜୟ ବେହେରା ସଂଯୋଜନା କରିଥିଲେ। ମନୋରମା ଖଣ୍ଡା, ଡ. ସ୍ମିତାରାଣୀ ବେହେରା ଓ ଲେଫ୍ଟେନାଣ୍ଟ ସଲମା କିସ୍କୁ ଆୟୋଜନ କରିଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଘରୁ କାଢ଼ିଦେଲେ ପୁଅ, ମା' ଥାନାର ଦ୍ୱାରସ୍ଥ

**ହାଟଡ଼ିହୀ/ଛେନାପଦୀ,୨୯।୪ (ଶୁଭକାନ୍ତ ନାୟକ/ନିରାକାର ପରିଡା)**

କେନ୍ଦୁଝର ଜିଲା ହାଟଡ଼ିହୀ ଶଙ୍ଖଣା ଗ୍ରାମରେ ବୃଦ୍ଧା ମା'ଙ୍କୁ ପୁଅ ଘରୁ କଢ଼ିଦେଇଥିବା ଭଳି ଅଭାବନୀୟ ଘଟଣା ଘଟିଛି। ନିରୁପାୟ ବୃଦ୍ଧା ମା' ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ଗୟାଧର ଘଡ଼େଇ ପ୍ରାୟ ୧୦ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ୨ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ଝିଅ ବାହା ହୋଇ ଶାଶୁ ଘର ଯିବା ପରେ ବୃଦ୍ଧା ମା' ଜଞ୍ଜାଳି ଘଡ଼େଇ (୭୫) ପାଳି କରି ୨ ପୁଅ କ୍ଷୀରୋଦ ଏବଂ ପ୍ରମୋଦଙ୍କ ପାଖରେ ମାସେ ଲେଖାଏ ରହୁଛନ୍ତି। ନିଜ ପୁଅ ପାଖରୁ ନିର୍ଯାତନା ପାଇ ବୁଧବାର ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାନ ପୁଅ କ୍ଷୀରୋଦ ତାଙ୍କୁ ଖାଇବାକୁ ନ ଦେଇ ଧକ୍କା ମାରି ଘରୁ ବାହାର କରିଦେଇଥିବା ନେଇ ପୋଲିସ ପାଖରେ କହିଥିଲେ। ପୋଲିସ ଅଭିଯୋଗ ଆଧାରେ ସାନପୁଅ, ବୋହୂଙ୍କୁ ଥାନାକୁ ଡକାଇ ଆଲୋଚନା କରୁଛି।

# ଜିଲା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**କେନ୍ଦୁଝର/ବଞ୍ଚୋ (ନରେଶ ଚନ୍ଦ୍ର ପଟ୍ଟନାୟକ /ପ୍ରଦୋଷ ବିଶ୍ୱାଳ )୨୯।୪:**

ଉତ୍କଳ ସାମ୍ବାଦିକ ସଂଘ ଦ୍ୱାରା ଅନୁବନ୍ଧିତ କେନ୍ଦୁଝର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ବ୍ଲକ୍‌ର ଖବରଦାତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରବିନ୍ଦ୍ର ପ୍ରାଧାନ ଦାବିପତ୍ର ପ୍ରଦାନ କରିଥିଲେ।




ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଂଘର କର୍ମକର୍ତ୍ତା।

ଦାବି ମଧ୍ୟରେ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲା ଓ ରାଜ୍ୟସ୍ତରରେ ଯୋଗ୍ୟ ଖବରଦାତାଙ୍କୁ ବ୍ୟାପକ ଭାବେ ମାନ୍ୟତା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଖବରଦାତାଙ୍କ ପାଇଁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କାର ପେନ୍‌ସନ୍, ଓଡ଼ିଶା ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ, ଖବରଦାତାଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା ଓ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅବସରପ୍ରାପ୍ତ ଖବରଦାତା, ହିତାଧିକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ ସହ ଅନ୍ୟାନ୍ୟ ଦାବି କରାଯାଇଛି। ଉପଦେଷ୍ଟା ସୁବ୍ରତ ସ୍ୱାଇଁ, ଜିଲା ସଂଘର ସଭାପତି ସତ୍ୟନାରାୟଣ ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର ସାହୁ, ଉପସଭାପତି ଦେବାଶିଷ ମିଶ୍ର, ସାଂଗଠନିକ ସମ୍ପାଦକ ପବିତ୍ର ବେହେରା, ସହ ସମ୍ପାଦକ ପ୍ରକାଶ ମହାନ୍ତି, କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# କାଳୀ ମନ୍ଦିରରୁ ଟଙ୍କା, ମୁକୁଟ ଚୋରି

**ଯୋଡ଼ା,୨୯।୪(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଉପକଣ୍ଠ ୫୨୦ ନଂ. ଜାତୀୟ ରାଜପଥ କଡ଼ ତଥା ଜଙ୍ଗଲ ପରିବେଷ୍ଟିତ ରଣାଶାଳ ଘାଟି ନିକଟରେ ଥିବା ମା' କାଳୀ ମନ୍ଦିରରୁ ମଙ୍ଗଳବାର ଟଙ୍କା ଓ ରୂପା ମୁକୁଟ ଚୋରି ହୋଇଛି। ବିଳମ୍ବିତ ରାତିରେ ଚୋରମାନେ ମନ୍ଦିରର ତାଲା ଭାଙ୍ଗି ଷ୍ଟୋର ରୁମ୍‌କୁ ପ୍ରବେଶ କରି ଦାନ ବାକ୍ସରେ ଥିବା ପ୍ରାୟ ୧୦ ହଜାର ଟଙ୍କା ଚୋରି କରିନେବା ସହ ଏକ ଛୋଟ ରୂପା ମୁକୁଟ ମଧ୍ୟ ଚୋରି କରି ନେଇଥିବା ଜଣାପଡ଼ିଛି। ଏ ନେଇ ମନ୍ଦିର କମିଟି ପକ୍ଷରୁ ଯୋଡ଼ା ଥାନାରେ ଅଭିଯୋଗ ପରେ ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ ପହଞ୍ଚି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛନ୍ତି।

# ୮୬ ବର୍ଷୀୟାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

**ବଞ୍ଚୋ,୨୯।୪(ପ୍ରଦୋଷ କୁମାର ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚୋରଗଡ଼ିଆ ଗ୍ରାମର ୮୬ ବର୍ଷୀୟ ମହିଳା ପଦ୍ମାବତୀ ନାୟକଙ୍କୁ ମିଳୁନାହିଁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା। ବର୍ଦ୍ଧିତ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ମିଳୁ ନ ଥିବାରୁ ଅସହାୟ ଭାବେ ଦିନ କାଟୁଛନ୍ତି। ଏ ନେଇ ପଞ୍ଚାୟତ, ବ୍ଲକ୍‌ରେ ଜଣାଇଥିଲେ ହେଁ ସୁଫଳ ମିଳୁ ନ ଥିବା କହିଛନ୍ତି।

ପ୍ରକାଶ ଯେ, ପଦ୍ମାବାତୀଙ୍କ ଘରେ ସାହାଯ୍ୟ କରିବାକୁ କେହି ପୁରୁଷ ସଦସ୍ୟ ନାହିଁ। ଜୀବିକା ପାଇଁ ସମସ୍ତେ ବାହାରେ କାମ କରୁଛନ୍ତି। ପୁରୁଣା ଭତ୍ତା ପାଉଥିବା ବେଳେ ବୃଦ୍ଧାଙ୍କ ପାଇଁ ବ୍ଲକ୍ କିମ୍ବା ସବ୍ କଲେକ୍ଟର କାର୍ଯ୍ୟାଳୟକୁ ଯାଇ ନିଜ ଅଧିକାର ଦାବି କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି।



ସେ ଗାଁର ଅନେକଙ୍କ ମାଧ୍ୟମରେ ତାଙ୍କର କାଗଜପତ୍ର ଦେଇ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପରିଣାମ ମିଳିନାହିଁ। ଶାରୀରିକ ଅସୁସ୍ଥତା ଭୋଗୁଥିବା ପଦ୍ମାବତୀଙ୍କର ପ୍ରତିମାସ ୪ରୁ୫ ହଜାର ଟଙ୍କା ଔଷଧ ଖର୍ଚ୍ଚ ହେଉଥିବା ବେଳେ ବର୍ଦ୍ଧିତ ଭତ୍ତା ନ ମିଳିବା ତାଙ୍କ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିଛି। ଏହି ଘଟଣା ଦ୍ୱାରା ସରକାରୀ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଓ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି। ସାମାଜିକ କର୍ମୀ ରାଜୀବ ନାୟକ ଘଟଣା ସମ୍ପର୍କରେ ସବ୍ କଲେକ୍ଟର କାର୍ଯ୍ୟାଳୟକୁ ଇ-ମେଲ୍ ଯୋଗେ ଅଭିଯୋଗ କରିଥିବା କହିଛନ୍ତି। ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା କହିଛନ୍ତି, ମାମଲାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ତଦନ୍ତ କରାଯିବ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ କେମିତି ବର୍ଦ୍ଧିତ ଭତ୍ତା ପାଇପାରିବେ ସେ ନେଇ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

**ବସ୍ତା, ୨୯।୪(ହରିଶଙ୍କର ପାଢ଼ୀ):** ଚେୟାରରେ ବସି ଖାଉଥିବା ବେଳେ ନାଗସାପ କାମୁଡାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା କୁଡ଼ିଆ ପଞ୍ଚାୟତ ଜମାଲପୁର ଗ୍ରାମର ଦେବେନ୍ଦ୍ର ଜେନା (୬୪)। ବୁଧବାର ଅପରାହ୍ନ ସମୟରେ ଦେବେନ୍ଦ୍ର ଚେୟାରରେ ବସି ଖାଉଥିବା ବେଳେ ଏକ ନାଗ ପାଦକୁ ଚୋଟ ମାରିଥିଲେ। ପରିବାର ଲୋକେ ଜାଣିପାରି ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନାକୁ ନେଇଆସିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଅଧିକ ତଦନ୍ତ କରୁଛି।

### ଖଣି ଅଧିକାରୀଙ୍କ ଦ୍ୱାରା ୨ ଟ୍ରାକ୍ଟର, ଜେସିବି ଜବତ



**ବାଲିଆପାଳ, ୨୯।୪ (ରାଜଶ୍ରୀ ପାଣିଗ୍ରାହୀ):** ଦିନକୁ ଦିନ ବାଲିଆପାଳ ଅଞ୍ଚଳରେ ରାତି ହେଉ କି ଦିନ ସରକାରୀ ଜାଗାରୁ ମାଟି ଚାଲାଣକାରୀମାନେ ମାଟି ବିକ୍ରି କରି ମାଲେମାଲ ହେଉଛନ୍ତି। ଦେଉଳା ପଞ୍ଚାୟତରେ ଥିବା ଏକ ସରକାରୀ ପୋଖରୀରୁ ମାଟି ମାଫିଆମାନେ ବେଆଇନ ଭାବେ ମାଟି ତାଡି ନେଉଥିବାରୁ ସ୍ଥାନୀୟ ଲୋକେ ଖଣି ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଧିକାରୀ ସତ୍ୟଚିନ୍ମୟ ଜେନା ପହଞ୍ଚି ୨ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରି ବାଲିଆପାଳ ପୋଲିସକୁ ହସ୍ତାନ୍ତର କରିଛନ୍ତି। ସେହିପରି ମଧୁପୁରା ପଞ୍ଚାୟତରେ ଥିବା ହାସିମପୁର ଗ୍ରାମରେ ଗୋଟିଏ ୭ ଏକର ଗୋଚର ଜାଗାରୁ ବେଆଇନ ମାଟି ଉତ୍ତୋଳନ ନେଇ ଖଣି ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଅବଗତ କରାଇଥିଲେ। ଗାଡ଼ିଗୁଡିକ ନମ୍ବର ବିହୀନ ହୋଇଥିବା ଜଣାପଡିଛି।

# ଜଙ୍ଗଲ ସୃଷ୍ଟି ପାଇଁ ୫ ଏକର ଜମି ହସ୍ତାନ୍ତର

## ରାଇବଣିଆରେ ପରିବେଶ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ

**ଜଳେଶ୍ୱର, ୨୯।୪(ନବୀନ ସାହୁ):** ପରିବେଶ ପ୍ରଦୂଷଣକୁ ରୋକିବା ଏବଂ ସବୁଜିମା ଫେରାଇ ଆଣିବା ପାଇଁ ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ରାଇବଣିଆ ଅଞ୍ଚଳରେ ବ୍ୟାପକ ଗଛ କଟାଯିବା ଏବଂ ଯାନବାହନ ଚଳାଚଳ ଯୋଗୁ ସୃଷ୍ଟି ହୋଇଥିବା ପ୍ରଦୂଷଣ ସମସ୍ୟା ସମାଧାନ ପାଇଁ ଏବେ ରାଜସ୍ୱ ବିଭାଗ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ବୃକ୍ଷରୋପଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସୁବର୍ଣ୍ଣରେଖା ଜଳଯୋଗାଣ ପ୍ରକଳ୍ପ ଓ ଅନ୍ୟାନ୍ୟ



ଜମି ମାପ ସମୟରେ ଉପସ୍ଥିତ ବନ ବିଭାଗ ଓ ବ୍ଲକ ଅଧିକାରୀ।

କାରଣରୁ ନଷ୍ଟ ହୋଇଥିବା ଜଙ୍ଗଲର ଭରଣା ପାଇଁ ରାଇବଣିଆ ପଞ୍ଚାୟତର ପ୍ଲଟ ନଂ. ୨୯୪୯ରେ ଥିବା ୫ ଏକରରୁ ଅଧିକ ସରକାରୀ ଜମିକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ସକାଳେ ଏହି ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଓଲମରା ଆରଆଇ ସର୍କଲର ଆରଆଇ ନିଶିକାନ୍ତ ସିଂ, ସରକାରୀ ଅମିନ ରାଜେଶ କୁମାର ସିଂ ଓ ଅକ୍ଷୟ ସିଂ ବରଡ଼ହା ବନଖଣ୍ଡର ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକ ଓ ବନରକ୍ଷୀ କବିତା ମହାକୁଡ଼ ରାଜସ୍ୱ ବିଭାଗର କର୍ମଚାରୀମାନେ ବନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଜମି ମାପଚୁପ କରି ସୀମା ନିର୍ଦ୍ଧାରଣ କରିଥିଲେ। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ରାଇବଣିଆ ଥାନାର ଏକ ପୋଲିସ ଟିମ୍ ମଧ୍ୟ ସେଠାରେ ମୁତୟନ ଥିଲେ। ଏହି ୫ଏକର ଜମିରେ ବ୍ୟାପକ ବୃକ୍ଷରୋପଣ କରାଯିବା ଫଳରେ ରାଇବଣିଆ ଓ ଆଖପାଖ ଅଞ୍ଚଳରେ ପରିବେଶ ସନ୍ତୁଳନ ରକ୍ଷା ହେବା ସହ ବାୟୁ ପ୍ରଦୂଷଣ ହ୍ରାସ ପାଇବ। ଗଛ କଟାଯିବା ଯୋଗୁ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ, ପ୍ରଶାସନର ଏହି ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଏହି ସ୍ଥାନ ଏକ ସୁନ୍ଦର ଜଙ୍ଗଲରେ ପରିଣତ ହେବ ବୋଲି ଆଶା କରାଯାଉଛି।

# ଓଡ଼ିଶା ସ୍ୱାଭିମାନ ପରିଷଦର ସ୍ୱାଭିମାନ ଦିବସ ପଦଯାତ୍ରା



ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପରିଷଦ କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ।

**ବସ୍ତା, ୨୯।୪(ହରିଶଙ୍କର ପାଢ଼ୀ):** ରୂପସାସ୍ଥିତ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସ୍ୱାଭିମାନ ପରିଷଦର ସଦସ୍ୟ ଓ ଛାତ୍ରୀଛାତ୍ରମାନେ ଏକ ପଦଯାତ୍ରାରେ ଯାଇ ରୂପସାସ୍ଥିତ ମହାପାତ୍ର ହାଇସ୍କୁଲ ପରିସରରେ ଅବସ୍ଥିତ ମଧୁସୂଦନ ଦାସ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଶା ସ୍ୱାଭିମାନ ପରିଷଦର ଆବାହକ ସୁଧାକର ଗିରି ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ପ୍ରାକ୍ତନ ଜନସ୍ୱାସ୍ଥ୍ୟ ଅଧିକାରୀ ଜଗନ୍ନାଥ ସ୍ୱାଇଁ ଓ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ସ୍ୱାଭିମାନ ଦିବସ ପାଳନର ମହତ୍ତ୍ୱ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁସୂଦନ ଦାସଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରା, ରୋଜାଲିନ ନାୟକ, ଯଜ୍ଞପ୍ରଭା ବେହେରା ଓ ସୁକନ୍ୟା ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାମଚନ୍ଦ୍ର ବେହେରା, ଜିତେନ୍ଦ୍ର ନାଥ ପ୍ରଧାନ, ସଞ୍ଜୟ କୁମାର ପରିଡ଼ା, ବିନୟ କୁମାର ବେହେରା, ଉମେଶ କୁମାର ରାଉଳ ଓ ନିରଞ୍ଜନ ବାରିକ ପ୍ରମୁଖ ସ୍ୱାଭିମାନ ଦିବସ ପଦଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଗ୍ରାମୀଣ ଫୁଟ୍‌ବଲ୍ ଟୁର୍ନାମେଣ୍ଟ



ଖେଳାଳିଙ୍କ ଗହଣରେ କୁଳପତି ଓ ଅଧିକାରୀଗଣ।

**ବାଲେଶ୍ୱର, ୨୯।୪(ବାଞ୍ଛାନିଧି ଦେ):** ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨ଦିନିଆ ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ ବୁଧବାର ଶୁଭାରମ୍ଭ ହୋଇଛି। ଗ୍ରାମାଞ୍ଚଳରୁ ପ୍ରତିଭାଶାଳୀ ଫୁଟବଲ୍ ଖେଳାଳିଙ୍କୁ ଚିହ୍ନଟ, ପ୍ରୋତ୍ସାହନ ଓ ସଫଳତାର ଅବସର ଯୋଗାଇବା ଏହି ଟୁର୍ନାମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ। ଏହା ବିଶ୍ୱବିଦ୍ୟାଳୟର ଯୁବ ସଶକ୍ତିକରଣ ଓ ଗ୍ରାମ ସ୍ତରରେ କ୍ରୀଡା ଭିତ୍ତିକୁ ସୁଦୃଢ କରିବାର ପ୍ରୟାସକୁ ସଫଳ କରିଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଖେଳାଳିମାନଙ୍କୁ ନିଷ୍ଠା, ଶୃଙ୍ଖଳା ଓ ଧୈର୍ଯ୍ୟର ସହ ଖେଳିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଗ୍ରାମୀଣ କ୍ରୀଡାର ଉନ୍ନତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କୁଳସଚିବ କୁକୁମୀନା ଦାସ ସମସ୍ତ ଦଳକୁ ଶୁଭେଚ୍ଛା ଜଣାଇ କ୍ରୀଡାର ସାମଗ୍ରିକ ବିକାଶର ଭୂମିକାକୁ ଉଲ୍ଲେଖ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ, ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ବ୍ଲକ ଓ ପୌରପାଳିକାରୁ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆର୍‌ସିଏମ୍ ପମ୍ପ ଡ୍ରାଇଭର ମୃତ

**ନୀଳଗିରି, ୨୯।୪(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମର ଭଗବାନ ଦାସ(୫୫) ବୁଧବାର ନିଜ ବାଡିରେ ଥିବା କୂଅରେ ଏକ ମୋଟର ଲଗାଇ ପାଣି ଉଠୁଳାଉ ଥିଲେ। ସନ୍ଧ୍ୟା ୬ଟାରେ ପାଣି ବାହାରକରି ସାରିବା ପରେ ଭୁଲବଶତଃ ଇଲେକ୍ଟ୍ରି ସଂଯୋଗ ନ କାଢି ପମ୍ପକୁ କାଢୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସଙ୍ଗେସଙ୍ଗେ ପରିବାର ଲୋକେ ନୀଳଗିରି ଉପଖଣ୍ଡ ହସ୍ପିଟାଲ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଗବାନ ପଞ୍ଚାୟତ ଦ୍ୱାରା ନିଯୁକ୍ତ ଆରସିଏମ ପମ୍ପ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ସ୍ତ୍ରୀ, ଦୁଇପୁଅ ଓ ବୋହୂ ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗଣଧାରଣା



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବାଲେଶ୍ୱର, ୨୯।୪(ବାଞ୍ଛାନିଧି ଦେ):** ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସଂଘ ଡାକରାରେ ୨ଘଣ୍ଟିଆ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପୂର୍ବରୁ ବହୁବାର ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଥିଲେ ହେଁ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ପ୍ରତିବାଦରେ ସଂଘର ଜିଲା ସଭାପତି ଲୋକନାଥ ଦଳେଇଙ୍କ ନେତୃତ୍ୱରେ ସାମ୍ବାଦିକଙ୍କ ସୁରକ୍ଷା ଆଇନ ତତ୍କାଳ ପ୍ରଣୟନ କରିବା, ସ୍ୱାସ୍ଥ୍ୟ ବୀମା ଯୋଜନାର ସମ୍ପ୍ରସାରଣ, ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ମୃତ୍ୟୁକାଳୀନ ଅନୁକମ୍ପାମୂଳକ ସହାୟତା ରାଶି ୧୦ଲକ୍ଷକୁ ବୃଦ୍ଧି କରିବା, ପ୍ରେସ ଏକାଡେମୀ ଗଠନ, ପେନସନ ପ୍ରଦାନ ଭଳି ୬ ଦଫା ଦାବିରେ ଏହି ଧାରଣା ଦିଆଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ପ୍ରସାଦ ବାରିକ, ଜିଲା ଉପସଭାପତି ଜୀବନକୃଷ୍ଣ ବାରିକ, ସଂଗଠନ ସମ୍ପାଦକ ଭଗବାନ ଦାସ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ବାରିକ, ଜାତୀୟ ପରିଷଦ ସଭ୍ୟ ସତ୍ୟବ୍ରତ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଲୋକନାଥ ପରିଡା, ଜିଲା ମିଡ଼ିଆ ସଂଯୋଜକ ପ୍ରମୋଦ କୁମାର ଶିଅଳ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ବେହେରା, ସତ୍ୟବ୍ରତ ଦାସ ଓ ସଞ୍ଜୟ ସାମନ୍ତ, ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ରାଜ୍ୟ ସମ୍ପାଦକ ସଞ୍ଜୟ ମଲ୍ଲିକ, ଉପସଭାପତି ରଣଜିତ୍ ଦାସ, ସମ୍ପାଦିକା ସଂଯୁକ୍ତା ବେହେରା, ଜିଲା ସମ୍ପାଦକ ସରିତ୍ ସପନ ପଣ୍ଡାଙ୍କ ସମତେ ସମସ୍ତ ଉପଦେଷ୍ଟା ଓ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହାପରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମାନସିଂ ବଜାରରେ ଖୋଲିଲା ଜଳଛତ୍ର




ଦହି ସରବତ ବଣ୍ଟନ କରାଯାଉଛି।

**ବାଲେଶ୍ୱର, ୨୯।୪(ବାଞ୍ଛାନିଧି ଦେ):** ବାଲେଶ୍ୱର ମ୍ୟୁନିସିପାଲିଟି ଅଧୀନ ୫ନଂ. ୱାର୍ଡ ମାନସିଂବଜାରଠାରେ ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ବୁଧବାର ଏକ ଜଳଛତ୍ର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ କାଉନ୍‌ସିଲର ମୀତା ପଟ୍ଟନାୟକ ଯୋଗଦେଇ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରବଳ ଗ୍ରୀଷ୍ମ ଓ ରୌଦ୍ରତାପକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଏହି ଜଳଛତ୍ର ଖୋଲାଯାଇଥିବା ସେ ବକ୍ତବ୍ୟରେ କହିଥିଲେ। ଅର୍ବାନ କମିଟି ମ୍ୟାନେଜର ଶାଶ୍ୱତୀ ମହାପାତ୍ର, ପବ୍ଲିକ୍ ହେଲ୍‌ଥ ମ୍ୟାନେଜର ଭବାନୀ ଶଙ୍କର ମହନ୍ତ, ସ୍ୱାସ୍ଥ୍ୟକର୍ମୀ ରଞ୍ଜିତାରାଣୀ ସାହୁ, ଅଙ୍ଗନୱାଡି କର୍ମୀ ସୁନନ୍ଦା ତାଳଦି, ଆଶାକର୍ମୀ ଅନ୍ନପୂର୍ଣ୍ଣା ରାଉତ, ସାମାଜିକ କର୍ମୀ ରିଙ୍କି ଜୀ ପ୍ରମୁଖ ଉପସ୍ଥିତ ରହି ଗ୍ରୀଷ୍ମଋତୁରେ ଏହି ଜଳଛତ୍ର ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସମସ୍ତଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ସମିତିସଭ୍ୟା ପୂଜା ଜେନା, ରାକ୍ଷୀ ମଲ୍ଲୀ, ବାସନ୍ତୀ ବେହେରା, ମିନତୀ ମାଝି, ଆରତୀ ବିନ୍ଧାଣୀ, ପ୍ରୀତି ବେହେରା, କଳ୍ପନା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ସୋର, ୨୯।୪(ଜନ୍ମେଜୟ ମିଶ୍ର):** ସୋର ଥାନା ମାଣତ୍ରୀ ପଞ୍ଚାୟତ ଗୋପାଳପୁର ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଗ୍ରାମର ବିଶେଶ୍ୱର ବେହେରା (୩୮) ବୁଧବାର ମାନସିକ ଭାରସାମ୍ୟ ହରାଇ ନିଜ ଶୋଇବା ଘରେ ଫ୍ୟାନରେ ରଶି ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର କଳହକୁ କେନ୍ଦ୍ର କରି ଯୁବକ ଜଣକ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା(ନଂ.୨୭/୨୬) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ କରିଛି।

# ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଚେତାବନୀ

## ମା, ଝିଅଙ୍କୁ ମିଳୁନି ନ୍ୟାୟ

**ଲଙ୍ଗଳେଶ୍ୱର, ୨୯।୪ (କମଳାକାନ୍ତ ଦାସ):** ବାଲିଆପାଳ ଥାନା ରତାଇ ଗ୍ରାମରେ ଅଳିଆ ପକାକୁ କେନ୍ଦ୍ର କରି ବିଧବା ମହିଳା ଏବଂ ତାଙ୍କ ନାବାଳିକା ଝିଅଙ୍କ ଉପରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଏପ୍ରିଲ ୨୦ରେ ବାଲିଆପାଳ ଥାନାରେ ୪ଜଣଙ୍କ ନାମରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ହାତବାନ୍ଧି ବସିଛି। ପୋଲିସ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଥିବାରୁ ମହିଳା ଜଣକ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବୁଧବାର ଖବରଦାତା ସମ୍ମିଳନୀ ଆୟୋଜନ କରି ପୋଲିସର ପାରିବା ପଣିଆ ନେଇ ପ୍ରଶ୍ନ ଉଠାଇଛନ୍ତି। ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁ ନ ଥିବାରୁ ଅଭିଯୁକ୍ତ ମାନେ ବାରମ୍ବାର ମହିଳାଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଚାପ ପକାଇବା ସହିତ ଜୀବନରୁ ମାରିଦେବାର ଧମକ ଦେଉଛନ୍ତି। ଏଥିସହ ନାବାଳିକା ଝିଅକୁ ସ୍କୁଲ ଯିବା ରାସ୍ତାରେ ଅଭିଯୁକ୍ତମାନେ ହଇରାଣ ହରକତ କରୁଥିବା ନେଇ ଖବରଦାତା ସମ୍ମିଳନୀରେ ମହିଳା ଜଣକ କହିଛନ୍ତି।

ଘରର ଅଳିଆ ସମ୍ପର୍କୀୟ କାକା ବାବାଜୀ ରାଉତଙ୍କ ବାଡ଼ିକୁ ଚାଲିଯିବା ଫଳରେ ବାବାଜୀ ଉତ୍ତ୍ୟକ୍ତ ହୋଇ ଝିଆରୀଙ୍କୁ ମାଡ ମାରିଥିଲେ। ଏହାକୁ ମା' ବିରୋଧ କରିବାରୁ ଅଭିଯୁକ୍ତ ଶୁଭଙ୍କର ରାଉତ, କମଳାକାନ୍ତ ରାଉତ, ନିରଞ୍ଜନ ରାଉତ ଆସି ମା, ଝିଅକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ମହିଳା ଅନିତା ରାଉତ ଥାନାରେ ଅଭିଯୋଗ କରିଥିଲେ। ବାଲିଆପାଳ ପୋଲିସ ଆଗାମୀ ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ବାଲେଶ୍ୱର ଏସ୍‌ପି ଅଫିସ ଆଗରେ ଧାରଣା ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ମେ' ୧ରୁ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬




ପ୍ରେସ୍‌ମିଟ୍‌ରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଉଛି।

**ବାଲେଶ୍ୱର, ୨୯।୪(ବାଞ୍ଛାନିଧି ଦେ):** ବାଲେଶ୍ୱର ସହରର ଆଇଟିଆଇ ପଡ଼ିଆରେ ଆସନ୍ତା ମେ ୧ ରୁ ୧୧ତାରିଖ ପର୍ଯ୍ୟନ୍ତ ଏକ ବିଶାଳ ବାଣିଜ୍ୟ ମେଳା 'ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬' ଆୟୋଜିତ ହେବ। ଏହି ଆନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଦେଶର ବିଭିନ୍ନ ରାଜ୍ୟ ସହ ଅନ୍ତର୍ଜାତୀୟ ଅଂଶଗ୍ରାହୀମାନେ ଏଥିରେ ଯୋଗ ଦେବେ। ଶହେରୁ ଊର୍ଦ୍ଧ୍ୱ ଷ୍ଟଲରେ ହସ୍ତଶିଳ୍ପ, ଲାଇଫ ଷ୍ଟାଇଲ ଓ ଫ୍ୟାଶନ ପ୍ରଡକ୍ଟ, ଘରୋଇ ସାମଗ୍ରୀ, ଉପଭୋକ୍ତାପଣ୍ୟ, ଖାଦ୍ୟ ସାମଗ୍ରୀ, ଓ ନବୀନ ସେବା ସମ୍ବନ୍ଧୀୟ ଦ୍ରବ୍ୟ ପ୍ରଦର୍ଶିତ ହେବ। ବାଣିଜ୍ୟ ପ୍ରଚାର, ବ୍ୟବସାୟିକ ସମ୍ପର୍କ ବୃଦ୍ଧି, ସାଂସ୍କୃତିକ ଆଦାନ ପ୍ରଦାନ ଓ ବ୍ୟବସାୟିକ ବିକାଶ ପାଇଁ ଏହି ମେଳା ଏକ ସୁଯୋଗ ସୃଷ୍ଟି କରିବ ବୋଲି ବୁଧବାର ପୋଲିସ୍ ଲାଇନ୍ ସ୍ଥିତ ହୋଟେଲ ଅଙ୍କିତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ 'ସ୍ୟାଡୋ ଆଡଭର୍ଟାଇଜିଙ୍ଗ ଆଣ୍ଡ କମ୍ୟୁନିକେଶନ୍ସ ପ୍ରାଇଭେଟ୍ ଲିମିଟେଡ୍'ର ସଂସ୍ଥାପକ ତଥା ଅୟୋଜକ ତାପସ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ପ୍ରଥମଥର ପାଇଁ ବାଲେଶ୍ୱରରେ ଆୟୋଜିତ ଏହି ଶୀତତାପ ନିୟନ୍ତ୍ରିତ ପ୍ରଦର୍ଶନୀ ବ୍ୟବସାୟ, ବାଣିଜ୍ୟ, ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ନୂଆ ଦିଗ ଦେବା ସହ ଉଦ୍ୟୋଗପତି, ବ୍ୟବସାୟୀ, ଉତ୍ପାଦକ ଓ ଗ୍ରାହକଙ୍କୁ ଏକ ମଞ୍ଚରେ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଆସୋସିଏଟ୍ ଅଧିକାରୀ ସନ୍ତୋଷ ସାହୁ ଉପସ୍ଥିତ ଥିଲେ।

# ପାନୀୟଜଳ, ରାସ୍ତା ସମସ୍ୟା ନେଇ ଅସନ୍ତୋଷ ଝାଡ଼ିଲେ ସରପଞ୍ଚ

## ଜଳେଶ୍ୱର ପଞ୍ଚାୟତ ସମିତି ବୈଠକ

**ଜଳେଶ୍ୱର, ୨୯।୪(ନବୀନ ସାହୁ):** ଜଳେଶ୍ୱର ବ୍ଲକ କନଫରେନ୍ସ ହଲ୍ ପରିସରରେ ବୁଧବାର ପଞ୍ଚାୟତ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ବିଡିଓ ଗୌରାଙ୍ଗ ଚରଣ ଘୋଷ, ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା



ବୈଠକରେ ଉପସ୍ଥିତ ବିଧାୟକ ଓ ଅଧିକାରୀଗଣ।

ସେନାପତି, ସହକାରୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜଳକଷ୍ଟ ଓ ଅବହେଳା ବୈଠକ ପ୍ରାରମ୍ଭରୁ ହିଁ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚମାନେ ଅଞ୍ଚଳରେ ଦେଖାଦେଇଥିବା ପାନୀୟଜଳ ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ଖୁଆଡ ପଞ୍ଚାୟତ ଡେମୁରୁବଣୀ ଗ୍ରାମରେ ପାଇପ୍ ବିଛାଯାଇଥିଲେ ମଧ୍ୟ ପ୍ରାୟ ୪୦ଟି ପରିବାର ଏବେ ବି ପାନୀୟଜଳରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। କାଳିକା ପଞ୍ଚାୟତର ଗହିରାବନ୍ଧ, ଦକ୍ଷିଣ ପ୍ରହରାଜପୁରର ୪, ୫ ଓ ୬ ନମ୍ବର ୱାର୍ଡ ଏବଂ ଓଲମରା ଗ୍ରାମର ମହାଲସାହିରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ମୋଟ ଉପରେ ପ୍ରାୟ ୩୫ଟି ପଞ୍ଚାୟତର ଜଳ ସମସ୍ୟା ସମ୍ପର୍କରେ ସରପଞ୍ଚମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି। ପାନୀୟ ଜଳ ବ୍ୟତୀତ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଓ ବିଦ୍ୟୁତ ବିଭାଗର ସମସ୍ୟା ନେଇ ମଧ୍ୟ ବୈଠକରେ ଉଷ୍ମତା ଦେଖାଦେଇଥିଲା। ଶିଶୁମାନଙ୍କ ପାଇଁ ଆସିଥିବା ଖେଳନା ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତାକୁ ନେଇ ସରପଞ୍ଚମାନେ ସିଡିପିଓଙ୍କୁ ପ୍ରଶ୍ନ କରିଥିଲେ। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀ ସରପଞ୍ଚମାନଙ୍କ ଦ୍ୱାରା ଉପସ୍ଥାପିତ ସମସ୍ୟାଗୁଡିକର ଯଥାଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ପାତ୍ର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଲୋକଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ।

## ୨ ଗାଈ ବୋଝେଇ ଗାଡ଼ି ଜବତ

ବେତନଟୀ,୨୯।୪(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ଛୁରୁଣି ଛକ ନିକଟରୁ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବୁଧବାର ଭୋର ସମୟରେ ଦୁଇଟି ଗାଈ ବୋଝେଇ ପିକଅପ୍ ଭ୍ୟାନ୍‌କୁ ଜବତ କରି ଥାନାକୁ ଆଣିଛନ୍ତି। ଏହି ଦୁଇଟି ଗାଡିରେ ଚାରୋଟି ଗାଈ ଓ ଗୋଟିଏ ବଳଦ ରହିଥିବା ଜଣାପଡିଛି। ଚାଳକ ୨ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଚଳାଇଥିବା ବେଳେ ଏନେଇ ଏକ ମାମଲା(ନଂ.୧୮୮/୨୬) ରୁଜୁ ହୋଇଛି। ୨ ଚାଳକଙ୍କ ସୂଚନା ଅନୁସାରେ କଟକ ଫୁଲନଖରାରୁ ଜଳେଶ୍ୱରକୁ ଗାଈ ନେଇ ଯାଉଥିବା ବେଳେ ପୋଲିସ ବେତନଟୀରୁ ଧରି ଆଣିଥିଲା। ଅଟକ ଚାଳକ ଦ୍ୱୟ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ଈଶ୍ୱର ଜେନା ଓ ବାଲେଶ୍ୱର ଜିଲା ସୋର ଅଞ୍ଚଳର ବିଜୟ କୁମାର ପାତ୍ର ବୋଲି ପୋଲିସ ସୂଚନା ଦେଇଛି।

# ଅଳିଆଗଦାରେ ବସା ଖୋଜୁଛି ପେଚା

ଉଦଳା,୨୯।୪(ସନ୍ତୋଷ କୁମାର ବାଛିନୀ)

ଉନ୍ନୟନ କାମ ପାଇଁ ମଣିଷ ସମାଜ ବେଶ୍ ଖୁସି ଏବଂ ଉତ୍ସାହିତ ଥିବା ବେଳେ ଗଛକଟା ହେବା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ପକ୍ଷୀ। ଦୀର୍ଘବର୍ଷ ହେବ ଗଛ କୋରଡ଼ରେ ବସା ବାନ୍ଧି ରହିଥିବା ପେଚା ଏବେ ଅଳିଆ ଗଦା ଭିତରେ ନିଜ ବସା ଖୋଜୁଛି। ଏଭଳି ଦୃଶ୍ୟ ପରିବେଶବିତ୍ ତଥା ପକ୍ଷୀପ୍ରେମୀମାନଙ୍କୁ ଆନ୍ଦୋଳିତ କରିଛି। କେବଳ ଯେ ଉକ୍ତ ପେଚା ତାହା ନୁହେଁ, ଅନେକ ପକ୍ଷୀଙ୍କ ବସା ଏହିଭଳି ଭାଙ୍ଗିଯାଇଛି। ସ୍ୱାର୍ଥସର୍ବସ୍ୱ ମଣିଷ ପକ୍ଷୀମାନଙ୍କ ପ୍ରତି ସମ୍ବେଦନଶୀଳତା ଦେଖାଇବା ଜରୁରୀ ହୋଇପଡ଼ିଛି। ଉନ୍ନୟନ କାମକୁ ସ୍ୱାଗତ କରାଯାଉଛି, ହେଲେ



ଆବର୍ଜନାରେ ବସା ଖୋଜୁଥିବା ପେଚା ଶାବକ।

ପକ୍ଷୀମାନଙ୍କ ସୁରକ୍ଷା ଦିଗରେ ଚିନ୍ତା କରା ନ ଗଲେ ଆଗାମୀ ଦିନରେ ପକ୍ଷୀସମାଜ ବିଲୁପ୍ତହେବା ସମ୍ଭାବନା ଦେଖାଯିବ ବୋଲି ପରିବେଶବିତ୍ ପ୍ରଦ୍ୟୁମ୍ନ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଉଦଳାରେ ଚାଲିଛି ରାସ୍ତା ସମ୍ପ୍ରସାରଣ। ଗତ ଫେବୃଆରୀ ୯ରେ ଉଦଳା ବଜାର ମଝିରେ ଥିବା ଜବରଦଖଲ ଉଚ୍ଛେଦ ହୋଇଥିଲା। ଏବେ ସମ୍ପ୍ରସାରଣ ପାଇଁ ରାସ୍ତା ପରିଷ୍କାର କରାଯାଉଛି; ଯେଉଁଥିପାଇଁ ରାସ୍ତା ପାର୍ଶ୍ୱରେ ଥିବା ଅନେକ ଗଛ କଟାଯାଉଛି। ଉଦଳା ବଜାରରେ ଥିବା ୪୦ ବର୍ଷ ତଳର ଏକ ବୁଢ଼ା ବରଗଛକୁ କାଟି ଦିଆଯାଇଛି। ଫଳରେ ଉକ୍ତ ଗଛ ଉପରେ ବସା ବାନ୍ଧିଥିବା ଅନେକ ପକ୍ଷୀଙ୍କ ବସା ଭାଙ୍ଗିଯାଇଛି। ବରଗଛ କୋରଡ଼ରେ ରହୁଥିବା ବିରଳ ପେଚା ଗଛ କଟିବା ପରେ ଉଡ଼ିଯାଇଥିବା ବେଳେ ବାସହରା ହୋଇ ପେଚା ଶାବକ ଗଛ ତଳେ ଆବର୍ଜନାରେ ସାହାରା ଖୋଜିବା ଅନେକଙ୍କୁ ବ୍ୟଥିତ କରିଛି। ଗଛ କଟିବା ଫଳରେ ପକ୍ଷୀ ଯେ କେତେ ପ୍ରଭାବିତ ହେଉଛନ୍ତି ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

## ମେ’ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା,୨୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ମେ ୯ ତାରିଖରେ ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ବାରିପଦାଙ୍କ ଦ୍ୱାରା ଜିଲା କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲା କୋର୍ଟ ବାରିପଦା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ଯଥା ତାଲୁକ ଆଇନ ସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରୋଠାରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ପ୍ରି-ବାର୍ଗେନିଙ୍ଗ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ, ସାଲିସ ଯୋଗ୍ୟ ଟ୍ରାଫିକ ଚାଲାଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲା ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋଷ ସମାଧାନ ହୋଇପାରିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦ ଗୁଡ଼ିକର ଆପୋଷ ସମାଧାନ କରାଇବା ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ ମୟୂରଭଞ୍ଜ ବାରିପଦା ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

## ତାଲା ଭାଙ୍ଗି କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପବନ୍ଧୁ ନଗର,୨୯।୪ (ଶାନ୍ତନୁ କୁମାର ମଲ୍ଲୁଆଲ)

ଖୁଣ୍ଟା ଥାନା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ଗ୍ରାମର ମଙ୍ଗଳାବର ରାତିରେ ଦୁର୍ବୃତ୍ତମାନେ ଅଭିନ୍ନ କୁମାର ସାହୁଙ୍କ ଘରେ କଳାକନା ବୁଲାଇଛନ୍ତି। ଅଭିନ୍ନଙ୍କ ପରିବାର ଲୋକେ ଘରେ ତାଲା ପକାଇ ବାଲେଶ୍ୱର ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଏହି ସୁଯୋଗରେ ତାଲା ଭାଙ୍ଗି ଘର ମଧ୍ୟକୁ ପଶିଥିଲେ ଓ ପୁରୁଣା ଆଲମିରା ମଧ୍ୟରେ ଥିବା ନଗଦ ଏକ ଲକ୍ଷ ଟଙ୍କା ଓ ପାଖାପାଖି ୧୦ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଚୋରଙ୍କ ଟେର ପାଇ ନ ଥିବା ବେଳେ ଏ ନେଇ ଥାନାରେ ଏକ ମାମଲା(ନଂ.୧୧୬/୨୬)। ରୁଜୁ ହୋଇଛି। ତେବେ ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ରାତ୍ରୀକାଳୀନ ପାଟ୍ରୋଲିଂକୁ କଡାକଡି କରିବାକୁ ଦାବି ହେଉଛି।

## ଗୃହବିଜ୍ଞାନ ବିଭାଗର ଆଲୋଚନାଚକ୍ର




ଆଲୋଚନା ଚକ୍ରରେ ଉପସ୍ଥିତ ଥିଲେ।

ବାରିପଦା,୨୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ**

ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପରିପୂରକ ପୁଷ୍ଟିସାର ଯୋଜନାଗୁଡ଼ିକ୍ ସମ୍ପର୍କରେ ଏକ ବିଭାଗୀୟ ଆଲୋଚନାଚକ୍ରମ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୁନ୍ତିମଣୀ ପାତ୍ର ଯୋଗଦେଇ ଶିଶୁ ବିକାଶ ସଂପର୍କିତ ବିଭିନ୍ନ ଯୋଜନା ଓ ତାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିଶୁମାନଙ୍କର ଉଭୟ ଶାରୀରିକ ଓ ମାନସିକ ବିକାଶ ଉପଯୁକ୍ତ ଭାବରେ ନ ହେଲେ ଏକ ସୁସ୍ଥ-ସୁନ୍ଦର ସମାଜ ପରିକଳ୍ପନା କରିବା ଅସମ୍ଭବ ବୋଲି ମଧ୍ୟ ମତପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ନିଜର ସ୍ୱାଗତ ଅଭିଭାଷଣରେ ଦାରିଦ୍ର୍ୟ ଓ ଅଭାବ ଯୋଗୁ ଗ୍ରାମାଞ୍ଚଳରେ ବହୁ ଶିଶୁ ଉପଯୁକ୍ତ ପୋଷଣଯୁକ୍ତ ଖାଦ୍ୟରୁ ବଞ୍ଚିତ ହୋଇ କୁପୋଷଣର ଶିକାର ହେଉଛନ୍ତି। ତେଣୁ ନିରାପଦ ମାତୃତ୍ୱ ଓ କୁପୋଷଣ ମୁକ୍ତ ଶିଶୁ ସମାଜ ଗଠନ ନିମନ୍ତେ ସରକାରୀ ପଦକ୍ଷେପଗୁଡ଼ିକ ପ୍ରତ୍ୟେକଟି ପରିବାରର ନିକଟରେ ପହଞ୍ଚିବା ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ଗୃହ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ.ଦେବସ୍ମିତା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପିକା ଅନୁଜା ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଜଣାଇଥିଲେ ଓ ସେହିପରି ଶୁଭ୍ରାନ୍ତିରେଖା ରାୟ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ। ବଲମଦିନା ଟେଟେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୃହବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ରହି ଆଲୋଚନାଚକ୍ରକୁ ସଫଳ କରାଇବାରେ ସହାୟକ ହୋଇଥିଲେ।

## ଶଗଡ଼ଭଙ୍ଗା ଗାଁରେ ପାନୀୟ ଜଳ ସମସ୍ୟା

ବେତନଟୀ,୨୯।୪ (ଧରଣୀଧର ମହାନ୍ତି)

- ଦୂଷିତ ପାଣି ପିଉଛନ୍ତି ଲୋକେ
- ବିଡିଓଙ୍କଠାରେ ଅଭିଯୋଗ

ବେତନଟୀ ବ୍ଲକ୍ ଶଗଡ଼ଭଙ୍ଗା ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଲୋକେ ପୋକ ସାଲୁବାଲୁ ଦୂଷିତ ପାଣି ପିଉଥିବା ନେଇ ମଙ୍ଗଳବାର ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ଦୀର୍ଘ ଦିନ ଧରି ଗ୍ରାମବାସୀ ଏକ ପରିତ୍ୟକ୍ତ କୂଅରୁ ଦୁର୍ଗନ୍ଧ ଗୋଳିଆ ପାଣି ବ୍ୟବହାର କରୁଛନ୍ତି। ଗାଁରେ ଥିବା ଦୁଇଟି ନାଳକୂପରୁ ମଧ୍ୟ ଦୁର୍ଗନ୍ଧ ନାଲି ଗୋଳିଆ ପାଣି ବ୍ୟବହାର କରୁଛନ୍ତି। ପାଣିରେ ଭାତ ରନ୍ଧିଲେ ବାସୁଛି ଓ ଖାଇ ହେଉନି ବୋଲି ଅଭିଯୋଗ ଗ୍ରାମବାସୀ କରିଛନ୍ତି। ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ରହିଛି। ପ୍ରକଳ୍ପରୁ ପାଣି ମଧ୍ୟ ବାହାରୁଛି। ପାଇପ ମଧ୍ୟ ବିଛା ଯାଇଛି, ହେଲେ ପାଇପ୍ ଫାଟି ପାଣି ବାହାରି ଯାଉଛି। ଫଳରେ କୂଅ ଓ ନଳ କୂଅରୁ ଗ୍ରାମବାସୀ ଗୋଳିଆ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଓ ପ୍ରଶାସନର ଦୃଷ୍ଟି ଗୋଚର ହେଉନାହିଁ। ଏହି ଗ୍ରାମଟି ବେତନଟୀ ହେଡ୍‌କ୍ୱାର୍ଟର ଠାରୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ।

ଶଗଡ଼ଭଙ୍ଗା ଗ୍ରାମ ବେତନଟୀ ପଞ୍ଚାୟତର ୯ନଂ. ୱାର୍ଡ ମଧ୍ୟରେ ରହିଥିବା ବେଳେ ସିଂ ସାହି, ମହାନ୍ତ ସାହି, ସନ୍ତାଳ ସାହିକୁ ମିଶାଇ ମୋଟ ୬୦ଟି ପରିବାର ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଗ୍ରାମର କଳ୍ପନା ମହାନ୍ତ, ହେମଲତା ମହାନ୍ତ, ଭାନୁ ମହାନ୍ତ କୁହନ୍ତି, ଭୋଟ ନେବା ଆଗରୁ ପାଇପ୍ ପକାଇ ଦେଇ ଯାଇଛନ୍ତି ଯେ, ଏ ପର୍ଯ୍ୟନ୍ତ ପାଣି ପାଇପ୍ ଫାଟିଲା କି ରହିଲା ଦେଖିବା ପାଇଁ ଆସିନାହାଁନ୍ତି। କୂଅ ଓ ନଳ କୂଅ ପାଣି ନାଲିଆ ପଚା ବସୁଛି। ପାଣିରେ ପୋକ ସାଲୁବାଲୁ ହେଉଛନ୍ତି। ଏହି ପାଣି ପିଇ ଦେହ ଖରାପ ହେଉଛି। ଆମ୍ବୁଲାନ୍ସ ଡାକିଲେ ରାସ୍ତା ଖରାପ କହି ଗାଁକୁ ଆମ୍ବୁଲାନ୍ସ ଆସୁନାହିଁ। ସେହିଭଳି ଗ୍ରାମର ଲସ ହେମ୍ବ୍ରମ, ମୁନି ସିଂ, ଚନ୍ଦ୍ରମଣି ମହାନ୍ତ କୁହନ୍ତି ନିର୍ବାଚନ ପୂର୍ବରୁ ବାରମ୍ବାର ନେତାମାନେ ଘରକୁ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଉଥିବାବେଳେ ଭୋଟ ପରେ ସେମାନଙ୍କ ଦେଖା ମିଳୁନାହିଁ। ଗାଁରେ ପାଣି ସମାଧାନ ନ ହେଲେ ଭୋଟ ବେଳେ କାହାରିକୁ ଗାଁରେ ପୁରାଇଦେବୁ ନାହିଁ ଦେବୁନାହିଁ ଏବଂ ଭୋଟ ବର୍ଜନ କରିବୁ ବୋଲି କହିଛନ୍ତି।

ଏ ସମ୍ପର୍କରେ ଯୁବ ସଂଗଠନ ଅଜିତ ସାହୁ କହନ୍ତି, ଜଳ ହିଁ ଜୀବନ, ଦୂଷିତ ଜଳ ପିଇଲେ ବିଭିନ୍ନ ମାରାତ୍ମକ ରୋଗ ବ୍ୟାଧିରେ ମୃତ୍ୟୁ ମୁଖରେ ପଡ଼ିବାର ସମ୍ଭାବନା ରହିଛି। ବ୍ଲକ ପ୍ରଶାସନ ଯଥାଶୀଘ୍ର ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରନ୍ତୁ। ଏ ସମ୍ପର୍କରେ ନୂତନ ବିଡିଓ ମନୁ ସେଠୀଙ୍କୁ ପଚାରିବାରୁ ଯଥାଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ମଧୁବାବୁ ଜୟନ୍ତୀ, ଆଇନଜୀବୀ ଦିବସ



ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ରାଇରଙ୍ଗପୁର,୨୯।୪ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବାର ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସ (ମଧୁବାବୁ)ଙ୍କ ଜୟନ୍ତୀ ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାର୍ ଆସୋସିଏଶନ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ଯୋଗଦେଇ ଉତ୍କଳ ଗୌରବ ମଧୁବାବୁଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ରସାନନ୍ଦ ଲେଙ୍କାଙ୍କ ସମେତ କେତେକ ବରିଷ୍ଠ ଆଇନଜୀବୀ ମଧୁବାବୁଙ୍କ ଜୀବନୀ ଏବଂ ଗୁଣାବଳୀ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୨ ଜଣ ବରିଷ୍ଠ ଆଇନଜୀବୀ ରସାନନ୍ଦ ଲେଙ୍କା, ତୁଷାରକାନ୍ତି କବି, ସଞ୍ଜୀବ କୁମାର ମହାନ୍ତି, ରଘୁନାଥ ଦାସ, ଦେବାଶିଷ ମହାନ୍ତି, ଉପେନ୍ଦ୍ର ମଣ୍ଡଳ, କିଶୋର କୁମାର ମଣ୍ଡଳ, ନଗେନ୍ଦ୍ର ନାଥ ନନ୍ଦ, ସୁବ୍ରତ ଚନ୍ଦ୍ର ଗିରି, ସେକ ରସୁଲ ବକ୍ସ, ଲକ୍ଷ୍ମୀ ମହାନ୍ତି ଏବଂ ଅର୍ଚ୍ଚନା ଦତ୍ତଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ମନୋଜ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ସିଭିଲ କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ ଡ. ଭି. ସୁଜାତା,ଏସ.ଡି.ଜେ.ଏମ. ମନିନ୍ଦ୍ର ଭୂଷଣ ସାହୁ,ସବଜଜ ଆଲୋକ ପଣ୍ଡା ଏବଂ ଜେ.ଏମ.ଏଫ.ସି. ଚେତନା ପଟ୍ଟନାୟକଙ୍କ ସମେତ ବାର ଆସୋସିଏଶନର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ଭାଜପାର ମହିଳା ସମାବେଶ

କପ୍ତିପଦା,୨୯।୪(ବିଷ୍ଣୁ ଚରଣ ପୁଥାଲ)

ଦେଶରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅଣାଯାଇଥିବା ମହିଳା ବନ୍ଦନ ଅଧିନିୟମ ବିଲ୍ ବିରୋଧୀ ଦଳଙ୍କ ଚକ୍ରାନ୍ତ ଯୋଗୁ ଅଟକି ଯାଇଛି। ଏନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ଅପରାହ୍ନ ୪ଟାରେ କପ୍ତିପଦା ବ୍ଲକର ଶରତଠାରେ ଏକ ମହିଳା ଆକ୍ରୋଶ ଜନସମାବେଶ ଅନୁଷ୍ଠିତ ହୋଇଛି। ଶିବାନୀ ଦେହୁରୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକାଠି ହୋଇ ବିରୋଧୀ ଦଳଗୁଡ଼ିକ ଉପରେ ବର୍ଷିଥିଲେ। ଏହି ପରିପ୍ରେକ୍ଷୀରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏକ ପଥପ୍ରାନ୍ତ ସଭା ସହ ଶୋଭାଯାତ୍ରା ଶରତ ବଜାର ପରିକ୍ରମା କରିଥିଲା। ଏଥିରେ ପ୍ରଭାରୀ ଭାବେ ଜିଲା ଉପସଭାପତି ବିମଳ ସେନାପତି, ମଣ୍ଡଳ ସଭାପତି ମାଥୁରୀ ମୋହନ ସାମାଡ଼ ପ୍ରମୁଖ ଯୋଗଦେଇଥିଲେ।




ଶୋଭାଯାତ୍ରାରେ ସାମିଲ ମହିଳାମାନେ।

## ୨୪ ପ୍ରହର ନାମ ସଂକୀର୍ତ୍ତନ

ରାଇରଙ୍ଗପୁର,୨୯।୪ (ମାନସ ମହାନ୍ତି )

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ପରିସର ତ୍ରିନାଥ ମନ୍ଦିର ପାର୍ଶ୍ୱ ପୂଜା ମଣ୍ଡପରେ ବୁଧବାର ତ୍ରିନାଥ ମନ୍ଦିର କମିଟି ଏବଂ ଟାଉନ ପୋଲିସର ମିଳିତ ସହଯୋଗରେ ୨୪ ପ୍ରହର ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ପୂଜା ମଣ୍ଡପରେ ରାଧାକୃଷ୍ଣ, ଶିବ ପାର୍ବତୀ ଏବଂ ନିତାଇ ଗୌର ସମେତ ଆକର୍ଷଣୀୟ ପ୍ରତିମା ମେଢ଼ ସହ ରଙ୍ଗ ବେରଙ୍ଗ ଆଲୋକ ସାଜସଜ୍ଜା କରାଯାଇଛି। ଏଥିସହ ଶ୍ରଦ୍ଧାଳୁମାନଙ୍କ ସକାଶେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ରାଇରଙ୍ଗପୁର ଟାଉନ ଥାନା କର୍ମଚାରୀ ହିରନ୍ମ କୁମାର ମହାନ୍ତ ଏବଂ ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇଛନ୍ତି। ଉକ୍ତ ୨୪ ପ୍ରହର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ସମେତ ଆଖପାଖ ଅଞ୍ଚଳର ୬ଟି ସଙ୍କୀର୍ତ୍ତନ ଦଳ ଯୋଗ ଦେଇଛନ୍ତି।

## ପ୍ରତିବାଦ ସଭା, ଜିଲାପାଳଙ୍କୁ ଦାବିପତ୍ର

ବାରିପଦା,୨୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ହକ୍ ପାଇଁ ଏକାଠି ହେଲେ ଖବରଦାତା**

ଖବରଦାତାମାନଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲାରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ରାଜ୍ୟର ସର୍ବପୁରାତନ ସାମ୍ବାଦିକ ୟୁନିୟନ ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ସହ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖବରଦାତାମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲା ଓ ରାଜ୍ୟସ୍ତରରେ ଯୋଗ୍ୟ ଖବରଦାତାମାନଙ୍କୁ ମାନ୍ୟତା ପ୍ରଦାନ, ଖବରଦାତାମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଅଧିକ ବୟସ୍କ ଖବରଦାତାମାନଙ୍କ ପାଇଁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କାର ପେନସନ ବ୍ୟବସ୍ଥା, ଓଡ଼ିଶା ପ୍ରେସ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ଖବରଦାତାଙ୍କ ପାଇଁ ସଳ୍ପ ମୂଲ୍ୟରେ ରହଣି ସୁବିଧା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ଖବରଦାତା, ହିତାଧିକାରୀଙ୍କ ମାତା,ପିତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ ସହିତ ଅନୁକମ୍ପା ମୂଳକ ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା ପ୍ରଭୃତି ୬ ଦଫା ଦାବି ଉପସ୍ଥାପନ କରାଯାଇଛି। ଯଦି ଆଗାମୀ ଦିନରେ ନ୍ୟାର୍ଯ୍ୟ ଦାବିଗୁଡ଼ିକ ପୂରଣ ନ ହୁଏ ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ହକ୍ ପାଇଁ ଏହି କାର୍ଯ୍ୟକ୍ରମରେ ଜିଲାର କୋଣ ଅନୁକୋଣରୁ ଶତାଧିକ ଖବରଦାତା ଏକାଠି ହୋଇଥିଲେ।




ପ୍ରତିବାଦ ସଭାରେ ଉପସ୍ଥିତ ଖବରଦାତାମାନେ।

## ଭଡ଼ାଘରେ ନୁଦଡିହା ପୋଲିସ୍ ବିଟ୍ ହାଉସ୍

କପ୍ତିପଦା,୨୯।୪ (ବିଷ୍ଣୁ ଚରଣ ପୁଥାଲ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ନୁଦଡିହା ପୋଲିସ୍ ବିଟ୍ ହାଉସ୍‌ଟି ୩୮ବର୍ଷ ହେଲା ଭଡ଼ାଘରେ ଚାଲିଛି। ଆଜବେଷ୍ଟସ୍ ଛପର ବିଶିଷ୍ଟ ଏହି ବିଟ ହାଉସ୍ ଗୃହ ଅସୁରକ୍ଷିତ ହୋଇପଡ଼ିଛି।

ଏହି ବିଟ୍ ହାଉସ୍ ୧୯୮୨ ଅଗଷ୍ଟ ୧୫ରେ ଏକ ଟାଇଲ୍ ଛପର ଘରେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ଅଧୀନରେ ପିଙ୍ଗୁ, ନୁଦଡିହା, ଚକ୍ରଧରପୁର, ଜେ.ଏସ୍. ଜାମଡିହା, ଦେବଳା, କୋଳିଅଳମ ପଞ୍ଚାୟତ ରହିଛି। ଏହି ବିଟ୍ ହାଉସ୍ ଅଞ୍ଚଳର ଆୟତନ ବଡ଼ ଓ ଲୋକ ସଂଖ୍ୟା ଅଧିକ। ତେବେ ପୂର୍ବରୁ ଥିବା ଟାଇଲ୍ ଛପରକୁ ବଦଳାଇ ଘରମାଲିକ କିଛି ବର୍ଷ ପୂର୍ବେ ଆଜବେଷ୍ଟସ୍ ପକାଇଥିଲେ। ମାତ୍ର ୩ଟି ବଖରାରେ ବିଟ୍ ହାଉସ୍ ଚାଲିଛି। ସେଥି ମଧ୍ୟରୁ ଗୋଟିଏ ଅଫିସ୍ ରୁମ୍ ଥିବା ବେଳେ ୨ଟି ଷ୍ଟାଫ୍ ରହିବା ଓ ରୋଷେଇ କରିବା ପାଇଁ ଅଛି। ଏହି ବିଟ୍ ହାଉସ୍‌ଟିରେ ପାଣି ବ୍ୟବସ୍ଥା ମଧ୍ୟ ନାହିଁ। ଯାହାଫଳରେ କର୍ମଚାରୀମାନେ ବାହାର ନଳକୂଅରୁ ପାଣି ଆଣି ନିତ୍ୟ ବ୍ୟବହାର୍ଯ୍ୟ କରନ୍ତି। ଏହି ଘରଟିର ଛପର କାଠଗୁଡ଼ିକ ଦୁର୍ବଳ ହୋଇଯାଇଥିବା ବେଳେ କବାଟ ଝରକା ମଧ୍ୟ ଠିକ୍ ନାହିଁ। ୧୦ବର୍ଷ ପୂର୍ବେ ତତ୍କାଳୀନ ତହସିଲଦାର ଓ ଉପଖଣ୍ଡ ପୋଲିସ୍ ଅଧିକାରୀ ଫାଣ୍ଡି ନିମନ୍ତେ ତଳିଆଠାରେ ଜମି ଚିହ୍ନଟ ମଧ୍ୟ କରିଥିଲେ। ଚିହ୍ନଟ ପ୍ରକ୍ରିୟାର ବହୁବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଏହି ପୋଲିସ୍ ବିଟ୍ ହାଉସ୍ ଘରଟି ଅସୁରକ୍ଷିତ ଅବସ୍ଥାରେ ରହିଛି।

ଏ ସଂକ୍ରାନ୍ତରେ ଉପଖଣ୍ଡ ପୋଲିସ୍ ଅଧିକାରୀ ହୃଷିକେଶ ନାୟକଙ୍କୁ ପଚାରିବାରୁ ଯଥାଶୀଘ୍ର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କହିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ଗୃହ ଓ କର୍ମଚାରୀମାନଙ୍କର କ୍ୱାର୍ଟର୍ସ ବ୍ୟବସ୍ଥା କରିବାକୁ ଜନସାଧାରଣ ଓ ବୁଦ୍ଧିଜୀବିମାନେ ଦାବି କରିଛନ୍ତି।



